Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 22 Issue No:5 22 April 2026 (Wednesday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା: ୫ ୨୨ ଏପ୍ରିଲ ୨୦୨୬ (ବୁଧବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୧

ଷ୍ଟିଲ୍ ସିଟି ରାଉରକେଲାରେ ରାଷ୍ଟ୍ରପତି

ଲୋକାର୍ପଣ କଲେ ୧୫୮ କୋଟିର ନିର୍ମଳ ମୁଣ୍ଡା ପ୍ରବେଶ ପଥ ଓ ଜନଜାତି ସଂଗ୍ରହାଳୟ

ରାଉରକେଲା,୨୧/୪(ନି/ପ୍ର): ଷ୍ଟିଲ୍ ସିଟି ରାଉରକେଲାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସକାଳ ୧୦ଟା ୨୦ ମିନିଟରେ ରାଉରକେଲା ବିମାନ ବନ୍ଦରେ ପହଚିଁଲେ ରାଷ୍ଟପ୍ରତି ଦ୍ରୌପଦୀ ମୁର୍ମୁ। ୧୦ ମିନିଟ ପରେ ଅର୍ଥାତ ୧୦ଟା ୩୦ ମିନିଟରେ ପହଚିଁ ଥିଲେ ସ୍ୱାଗତ ସମାରୋହ ସ୍ଥଳରେ। ସାଥୀରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ,କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ। ଦେଶାତ୍ମାକ ସଂଗୀତ ସହ ସାନ୍ତାଳୀ, କରମା, ସମ୍ବଲପୁରୀ ଓ ଓଡିଶୀ ନାଚରେ ୨୫୦୦ ଛାତ୍ରଛାତ୍ରୀ କରିଥିଲେ ଭବ୍ୟ ସ୍ୱାଗତ। ଦର୍ଶକମାନଙ୍କ ତାଳିରେ କମ୍ପିଥିଲା ପୁରା ସଭାମଚଂ। ପରେ ରାଷ୍ଟ୍ରପତି ନୃତ୍ୟ ପରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ଭେଟିଲେ। ଛାତ୍ରଛାତ୍ରୀଙ୍କ ସହ ଫଟୋ ଉଠାଇବା ସହ ହାତ ମିଳାଇଥିଲେ । ୧୧ଟା ୫୫ମିନିଟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ସାମଗ୍ରୀ ଓ ଖାଦ୍ୟ ପ୍ରଦର୍ଶିତ ଷ୍ଟଲ ଗୁଡିକ ବୁଲି ଦେଖିଥିଲେ । ମହିଳା ଏସଏଚଜି ଗ୍ରୁପ ମହିଳାମାନଙ୍କ ସହ ଫଟୋ ମଧ ଉଠାଇଥିଲେ । ଅପରାହ୍ନ ୧୨ଟା ୨୫ମିନିଟରେ ମୁଖ୍ୟ ସଭା ମଚଂରେ ପହଚିଁ ଥିଲେ। ଉପସ୍ଥିତ ଜନସଭାକୁ ସମ୍ବୋଧିତ କରିଥିଲେ। ରାଷ୍ଟ୍ରପତି ପ୍ରାୟ ୧୫୮ କୋଟି ଟଙ୍କା ବ୍ୟୟଅଟକଳରେ ଚାରିଟି ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏଥି ମଧ୍ୟରେ ୪୮ କୋଟିର ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର, ୪୦ କୋଟିର ଆଦିବାସୀ ସଂଗ୍ରହାଳୟ, ୪୨.୪୪ କୋଟିର ନିର୍ମଳ ମୁଣ୍ଡା ପ୍ରବେଶ ପଥ ଓ ୨୭ କୋଟିର ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍ ରହିଛି । ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୨୫୦୦ ଶହ ଛାତ୍ରଛାତ୍ରୀ ଓଡ଼ିଶୀ, ସାନ୍ତାଳୀ, କରମା ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଯାହା ବେଶ୍ ଚିତାକର୍ଷକ ଥିଲା। ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୪୫ ପ୍ଲାଟୁନ୍ ଫୋର୍ସ, ୨ ଶହ ଅଧିକାରୀ ଓ ୮୧୫ ଗୃହରକ୍ଷୀ ନିୟୋଜିତ ହୋଇଛନ୍ତି । ରାଉରକେଲା ବିମାନବନ୍ଦର, ସେକ୍ଟର-୧୩ ସଭାସ୍ଥଳ, ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ଏବଂ ଜନଜାତି ସଂଗ୍ରହାଳୟ, ପାନପୋଷ ସର୍କିଟ୍ ହାଉସ୍ ସମେତ ବିଭିନ୍ନ ଛକରେ ବ୍ୟାପକ ପୁଲିସ ନିଯୁକ୍ତ ହୋଇଛନ୍ତି । ସଭା ମଚଂରେ ରାଜ୍ୟପାଳ ହରିବାବୁ କମ୍ଭମ ପତି, ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଉପସ୍ଥିତ ଥିଲେ। ସଭାରେ ପ୍ରାୟ ୧୫ ହଜାର ଲୋକ ଉପସ୍ଥିତ ଥିଲେ । ଆଜି ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା ।ଏହା ସହ ପଶ୍ଚିମାଚଂଳ ଡ଼ିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସପି ନିତେଶ ବାଦୱାନୀ ସମେତ ଅନ୍ୟ ପ୍ରଶାସନି ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାକୁ ନଜର ରଖିଥିଲେ ।

ରାଉକେଲା ବିମାନ ବନ୍ଦର ଘାଟିରେ ରାଷ୍ଟ୍ରପତି ଦୌପଦି ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟାନ୍ୟ ଅତିଥିଗଣ

ଢ଼େଙ୍କାନାଳରେ ହେବ ପୋସ୍କୋ- ଜେଏସଡବ୍ଲ୍ୟୁ କାରଖାନା :

ଉଭୟ ୭୦,୦୦୦ କୋଟି ନିବେଶ ନେଇ ବୁଝାମଣା ସ୍ୱାକ୍ଷର

ନୂଆଦିଲ୍ଲୀ, ୨୧/୪: ଢ଼େଙ୍କାନାଳ ଜିଲ୍ଲାରେ ହେବାକୁ ଯାଉଛି ବାର୍ଷିକ ୬ ନିୟୁତ ଟନ ଉତ୍ପାଦନ କ୍ଷମତାଯୁକ୍ତ ଏକ ନୂଆ ସମନ୍ୱିତ ଷ୍ଟିଲ୍ ପ୍ଲାଂଟ । ଦକ୍ଷିଣ କୋରିଆର ପୋସ୍କୋ ଏବଂ ଭାରତର ଜେଏସଡବ୍ଲ୍ୟୁ ଷ୍ଟିଲ୍ ମିଳିତ ହୋଇ ଏହାକୁ ନିର୍ମାଣ କରିବେ । ଏଥିପାଇଁ ଉଭୟ କମ୍ପାନିଙ୍କ ମଧ୍ୟରେ ସୋମବାର ଏକ ଯୌଥ ଉଦ୍ୟୋଗ ବୁଝାମଣା ସ୍ୱାକ୍ଷର ହୋଇଛି। ଏହି ପ୍ରକଳ୍ପ ଜେଏସଡବ୍ଲ୍ୟୁ ଷ୍ଟିଲର ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନି ସାଫ୍ରନ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେବ । ବର୍ତମାନ ପୋସ୍କୋ ଏବଂ ଜେଏସଡବ୍ଲ୍ୟୁ ମଧ୍ୟରେ ୫୦:୫୦ ଯୌଥ ଉଦ୍ୟୋଗ ପାଲଟିବ ଏହି କମ୍ପାନି । ଚୂଡ଼ାନ୍ତ ବୁଝାମଣା ମୁତାବକ, ଉଭୟ କମ୍ପାନି ଓଡ଼ିଶାରେ ଏହି ଷ୍ଟିଲ୍ ପ୍ଲାଂଟ ନିର୍ମାଣରେ ମିଳିତ ଭାବେ ୭.୩ ବିଲିୟନ ଡଲାର ବା ପାଖାପାଖି ୬୮,୫୦୦ କୋଟି ଟଙ୍କା ନିବେଶ କରିବେ । ପୋସ୍କୋ ଗ୍ରୁପ୍ ଅଧ୍ୟକ୍ଷ ଜାଙ୍ଗ୍ ଇନ୍-ହ୍ୱା, ପୋସ୍କୋ ସଭାପତି ଲି-ହି-ଜିଓନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଏମ୍‌ଡି ଜୟନ୍ତ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଯୌଥ ଉଦ୍ୟୋଗ ରାଜିନାମା ସ୍ୱାକ୍ଷର ହୋଇଯାଇଛି ।

ଆହୁରି ୫ ଦିନ ଜଳିବ ପଶ୍ଚିମ ଓଡ଼ିଶା

ଭୁବନେଶ୍ୱର,୨୧/୪(ନି/ପ୍ର): ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଜାରି ରହିବ। ପଶ୍ଚିମା ଏବଂ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଅଧିକ ଗରମ ଅନୁଭୂତ ହେବ। ସେହିପରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ତାତି ସାମାନ୍ୟ କମ୍ ରହିବ, କିନ୍ତୁ କାଳବୈଶାଖୀ ସମ୍ଭାବନା ଅଛି। ସୋମବାର ଦିନ ବେଳା ୧୪ ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଟପି ଯାଇଥିଲା। ଭୁବନେଶ୍ୱର ସ୍ଥିତ ଆଚଂଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର କରିଥିବା ପୂର୍ବାନୁମାନ ଅନୁସାରେ ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ଭଦ୍ରକ, କଳାହାଣ୍ଡି ଓ କନ୍ଧମାଳରେ ଘଡ଼ଘଡ଼ି ସହିତ ୪୦ରୁ ୫୦ କିମି ବେଗରେ ପବନ ବୋହିବା ସମ୍ଭାବନା ଅଛି। ସେହିପରି ପୁରୀ, ନୟାଗଡ଼, ସୁବର୍ଣ୍ଣପୁର, ବଲାଙ୍ଗିର, ନବରଙ୍ଗପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ ଜିଲାରେ ମଧ କାଳବୈଶାଖୀ ଆଶଙ୍କା ରହିଛି। ଦିନ ବେଳା ଗରମ ସହ ରାତିରେ ଗୁଳୁଗୁଳି ଅନୁଭୂତ ହେବ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଏପରି ସ୍ଥିତି ଲାଗି ରହିବ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ପଶ୍ଚିମା ଏବଂ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ପଶ୍ଚିମ ଓଡ଼ିଶା, ବିଶେଷକରି ଝାରସୁଗୁଡ଼ାରୁ ବଲାଙ୍ଗିର ପର୍ଯ୍ୟନ୍ତ ସମସ୍ତ ଜିଲାରେ ଅଧିକ ତାତି ଅନୁଭୂତ ହେବ। ଉନ୍ନର ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼ ଜିଲାରେ ତାପମାତ୍ରା ୪୨ ଡିଗ୍ରୀରୁ ୪୩.୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ଉପକୂଳ ଓଡ଼ିଶା ଏବଂ ରାଜଧାନୀ ଅଞ୍ଚଳ (ଭୁବନେଶ୍ୱର ଓ କଟକ) ରେ ତାପମାତ୍ରା ୩୮ରୁ ୩୯ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ବାୟୁମଣ୍ଡଳରେ ଅତ୍ୟଧିକ ଜଳୀୟ ବାଷ୍ପ ଯୋଗୁଁ ଅସହ୍ୟ ଗୁଳୁଗୁଳି ଜାରି ରହିବ। ଆସନ୍ତା ୨୧ ପରେ କାଳବୈଶାଖୀର ପ୍ରଭାବ ବଢ଼ିବା ଫଳରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିପାରେ।

ଇସଲାମାବାଦ ଶାନ୍ତି ଆଲୋଚନା ପୂର୍ବରୁ ଇରାନୀ ବାଚସ୍ପତି ଗାଲିବାଫ୍ ଟ୍ରମ୍ପଙ୍କୁ ଦେଲେ ସ୍ୱଷ୍ଟ ବାର୍ତା

ତେହେରାନ,୨୧/୪: ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାକିସ୍ତାନରେ ହେବାକୁ ଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଆମେରିକୀୟ ପ୍ରତିନିଧିମଣ୍ଡଳ ପଠାଇବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ, ଇରାନ କ୍ଷେତ୍ରରେ ଏପର୍ଯ୍ୟନ୍ତ ଅନିଶ୍ଚିତତା ଜାରି ରହିଛି। ପାକିସ୍ତାନ କହିଛି, ଇରାନୀ ପ୍ରତିନିଧିମଣ୍ଡଳୀ ଅଂଶଗ୍ରହଣ କରିବେ। ତେବେ ଟ୍ରମ୍ପଙ୍କ ଧମକ ଏବଂ ଆମେରିକାର ହର୍ମୁଜ ପ୍ରଣାଳୀ ଅବରୋଧ ଯୋଗୁଁ ତେହେରାନ ଅସନ୍ତୁଷ୍ଟ। ତେଣୁ ସେମାନେ ଇସଲାମାବାଦ ଯାତ୍ରା କରିବାକୁ ମନା କରିଦେଇଛନ୍ତି। ପାକିସ୍ତାନ ଇରାନକୁ ମନାଇବାକୁ ବାରମ୍ବାର ଚେଷ୍ଟା କରୁଛି। ଏବେ, ଇରାନୀ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଟ୍ରମ୍ପଙ୍କୁ କଠୋର ସ୍ୱରରେ ସ୍ୱଷ୍ଟ ଜବାବ ଦେଇଛନ୍ତି।ଗାଲିବାଫ୍ ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛନ୍ତି, ଅବରୋଧ ଲାଗୁ କରି ଏବଂ ଯୁଦ୍ଧବିରତି ଭଙ୍ଗ କରି, ଟ୍ରମ୍ପ ଶାନ୍ତି ଆଲୋଚନା ଟେବୁଲକୁ ଆତ୍ମସମର୍ପଣ ଟେବୁଲରେ ପରିଣତ କରିବାକୁ ଚାହୁଁଛନ୍ତି। ସେ ଏକ ନୂଆ ଯୁଦ୍ଧକୁ ଇନ୍ଧନ ଯୋଗାଉଛନ୍ତି। ଆମେ ଧମକର ଛାୟା ତଳେ ଆଲୋଚନାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ଆମେରିକାର କ୍ରମାଗତ ଅସ୍ତ୍ରବିରତି ଉଲ୍ଲଂଘନ କୂଟନୈତିକ ପ୍ରକ୍ରିୟା ଜାରି ରଖିବାରେ ଏକ ବଡ଼ ପ୍ରତିବନ୍ଧକ ସାଜିଛି। ଆରାଘଚି ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଡାରଙ୍କୁ ଫୋନ୍ ମାଧ୍ୟମରେ କହିଛନ୍ତି, ଇରାନ ସମସ୍ତ ଦିଗ ଉପରେ ବିଚାର କରୁଛି, କିନ୍ତୁ ପରବର୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏପର୍ଯ୍ୟନ୍ତ ନିଷ୍ପତି ନେଇନାହିଁ। ଜଣେ ବରିଷ୍ଠ ଇରାନୀ ଅଧିକାରୀ ରଏଟର୍ସଙ୍କୁ କହିଛନ୍ତି, ତାଙ୍କ ଦେଶ ପାକିସ୍ତାନରେ ଆମେରିକା ସହିତ ଶାନ୍ତି ଆଲୋଚନାରେ ଅଂଶଗ୍ରହଣ କରିବାକୁ ବିଚାର କରୁଛି। ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିର ମଧ ହରମୁଜ୍ ଅବରୋଧ ବିଷୟରେ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି। ସୂତ୍ର ଅନୁସାରେ ମୁନିର ଟ୍ରମ୍ପଙ୍କୁ କହିଥିଲେ ଯେ, ଆମେରିକାର ହରମୁଜ୍ ଅବରୋଧ ଆଲୋଚନାରେ ସବୁଠାରୁ ବଡ଼ ପ୍ରତିବନ୍ଧକ। ତଥାପି, ଇରାନୀ ଅଧିକାରୀ ସ୍ୱଷ୍ଟ କରିଛନ୍ତି ଯେ ଇସଲାମାବାଦ ଆଲୋଚନା ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତି ନିଆଯାଇନାହିଁ। ଇରାନର ଶୀର୍ଷ ଆଲୋଚନାକାରୀ ମହମ୍ମଦ ବାଘେର ଅବରୋଧ ଏବଂ ଅସ୍ତ୍ରବିରତି ଉଲ୍ଲଂଘନ ମାଧ୍ୟମରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଚାପ ବୃଦ୍ଧି କରିବାର ଅଭିଯୋଗ ଆଣିଛନ୍ତି। ସେ ସ୍ୱଷ୍ଟ କରିଛନ୍ତି ଯେ ଇରାନ ଧମକ ଦେଇ ଆଲୋଚନା ଗ୍ରହଣ କରେ ନାହିଁ। ଏହି ସମୟରେ, ଡୋନାଲ୍ଡ ଟ୍ରମ୍ପ ପୁଣି କହିଛନ୍ତି ଯେ ଆମେରିକା ଯୁଦ୍ଧରେ ବିଜୟୀ ହେଉଛି। ଇରାନ ସହିତ ଏକ ଚୁକ୍ତି ହେବା ପରେ ହିଁ ଆମେରିକା ନୌସେନା ହର୍ମୁଜ୍ ଉପରୁ ଏହାର ଅବରୋଧ ଉଠାଇବ। ଏସବୁ ମଧ୍ୟରେ, ପାକିସ୍ତାନ ଆଶାବାଦୀ ରହିଛିଯେ, ଆମେରିକା ଏବଂ ଇରାନର ପ୍ରତିନିଧିମାନେ ଇସଲାମାବାଦ ଆଲୋଚନାରେ ଯୋଗଦେବେ। ପାକିସ୍ତାନ ଆଲୋଚନା ଆୟୋଜନ ପାଇଁ ପ୍ରସ୍ତୁତି ଜୋରଦାର କରିଛି, ଯଦିଓ ଆଲୋଚନା ହେବ କିନାହିଁ ତାହା ଅନିଶ୍ଚିତ ରହିଛି। ଇରାନର ଶୀର୍ଷଆଲୋଚନାକାରୀ ମହମ୍ମଦ ବାଘେର ଅବରୋଧ ଏବଂ ଅସ୍ତ୍ରବିରତିଉଲ୍ଲଂଘନ ମାଧ୍ୟମରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଚାପ ବୃଦ୍ଧି କରିବାର ଅଭିଯୋଗ ଆଣିଛନ୍ତି।

ଘୂର୍ଣ୍ଣିଝଡ଼ରେ ଦୋହଲିଲା ବିମାନ, ଯାତ୍ରୀ ଆତଙ୍କିତ

ବେଙ୍ଗାଲୁରୁ,୨୧/୪: ଫ୍ଲାଏ୯୧ ଏୟାରଲାଇନ୍ସର ଏକ ବିମାନ ସୋମବାର ହାଇଦରାବାଦରୁ କର୍ଣ୍ଣାଟକର ହୁବାଲି ଯାତ୍ରା କରୁଥିବାବେଳେ ମଝି ଆକାଶରେ ପ୍ରବଳ ଘୂର୍ଣ୍ଣିଝଡର ସମ୍ମୁଖୀନ ହୋଇଥିଲା। ଖରାପ ପାଣିପାଗର ମୁକାବିଲା କରିବାକୁ ପାଇଲଟ ସମସ୍ତ ଉଦ୍ୟମ କରିଥିବା ସତ୍ତ୍ୱେ ବିମାନଟି ଜୋରରେ ଦୋହଲିବାକୁ ଲାଗିଥିଲା। ଫଳରେ ବିମାନରେ ଥିବା ଯାତ୍ରୀମାନେ ଆତଙ୍କିତ ହୋଇପଡିଥିଲେ। ବିମାନରେ ଥିବା ଜଣେ ମହିଳା ଯାତ୍ରୀ ଜୋରରେ କାନ୍ଦୁଥିବାର ଭିଡିଓ ବର୍ନ୍ତମାନ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବାରେ ଲାଗିଛି। ୨୨ ଜଣ ଯାତ୍ରୀଙ୍କୁ ନେଇ ଉକ୍ତ ବିମାନଟି ଅପରାହ୍ଣ ୩ଟାରେ ହାଇଦରାବାଦରୁ ଉଡାଣ ଆରମ୍ଭ କରିଥିଲା। ଅପରାହ୍ଣ ୪ଟା ୩୦ ମିନିଟରେ ଏହା ହୁବାଲିରେ ପହଚିଂବା କଥା। ତେବେ ପ୍ରବଳ ବର୍ଷା ଓ ଖରାପ ପାଣିପାଗ ଯୋଗୁଁ ବିମାନଟି ଅବତରଣ କରିପାରିନଥିଲା।

ବିମାନରେ ଭର୍ତି କରି ପଠାଇଥିଲେ ୧.୭ ବିଲିୟନ ଡଲାର :

ଜେସିପିଓଏ ଚୁକ୍ତି ନେଇ ବର୍ଷିଲେ ଟ୍ରମ୍ପ

ୱାସିଂଟନ,୨୧/୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଇରାନ ପରମାଣୁ ଚୁକ୍ତି ଜଏଂଟ କମ୍ପ୍ରେହେନ୍ସିଭ ଆକ୍ସନ ପ୍ଲାନ୍(ଜେସିପିଓଏ)କୁ ଟାର୍ଗେଟ କରିଛନ୍ତି। ସେ ଏହାକୁ ଆମେରିକାର ସୁରକ୍ଷା ପାଇଁ ଏକ ଅତ୍ୟନ୍ତ ଖରାପ ଚୁକ୍ତି ବୋଲି କହିଛନ୍ତି ଏବଂ ଦାବି କରିଛନ୍ତି ଯେ, ତାଙ୍କ ନେତୃତ୍ୱରେ ପ୍ରସ୍ତୁତ ହେଉଥିବା ନୂତନ ଚୁକ୍ତି ବହୁତ ଭଲ ଏବଂ ଅଧିକ ସୁରକ୍ଷିତ ହେବ। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ଜୋ ବାଇଡେନଙ୍କ ସମୟରେ ହୋଇଥିବା ଏହି ଚୁକ୍ତିନାମା ଆମେରିକାର ସୁରକ୍ଷା ପାଇଁ ସବୁଠାରୁ ବିପଜ୍ଜନକ ଚୁକ୍ତି ମଧ୍ୟରୁ ଗୋଟିଏ। ଏହି ଚୁକ୍ତିନାମା ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ପାଇଁ ଆଗକୁ ବଢ଼ିବାକୁ ଏକ ପଥ ଦେଇଥିଲା। ଚୁକ୍ତିର ଅଂଶ ଭାବରେ ଇରାନକୁ ୧.୭ ବିଲିୟନ ଡଲାର ନଗଦ ଦିଆଯାଇଥିଲା ଏବଂ ଏହାକୁ ବିମାନ ମାଧ୍ୟମରେ ଇରାନକୁ ପଠାଯାଇଥିବା ଜଣାପଡ଼ିଛି। ଇରାନକୁ ଅନ୍ୟାନ୍ୟ ଅର୍ଥନୈତିକ ରିହାତି ଭାବରେ ଶହ ଶହ ବିଲିୟନ ଡଲାର ମଧ ଦିଆଯାଇଥିଲା। ଟ୍ରମ୍ପଙ୍କ ଅନୁଯାୟୀ, ଯଦି ସେ ଚୁକ୍ତିନାମାକୁ ବାତିଲ କରିନଥାନ୍ତେ, ତେବେ ପଶ୍ଚିମ ଏସିଆର ପରିସ୍ଥିତି ଆହୁରି ଗମ୍ଭୀର ହୋଇଥାନ୍ତା। ଏପରିକି ଇସ୍ରାଏଲୀ ଏବଂ ଆମେରିକାର ସାମରିକ ଘାଟି ପ୍ରତି ପରମାଣୁ ବିପଦ ବୃଦ୍ଧି ପାଇଥାନ୍ତା। ସେ ଗଣମାଧ୍ୟମକୁ ମଧ ଟାର୍ଗେଟ କରି କହିଛନ୍ତି ଯେ, କିଛି ସାମ୍ବାଦିକ ଏବଂ ସଂସ୍ଥା ଚୁକ୍ତିନାମାକୁ ଯଥାର୍ଥ କରିବାକୁ ଚେଷ୍ଟା କରୁଛନ୍ତି, ଯଦିଓ ଏହା ଆମେରିକା ପାଇଁ ଲଜ୍ଜାଜନକ ଏବଂ ବିପଜ୍ଜନକ ଥିଲା। ସେ ଏହା ମଧ କହିଛନ୍ତି, ଯଦି ତାଙ୍କ ନେତୃତ୍ୱରେ ଏକ ନୂତନ ଚୁକ୍ତି ହୁଏ, ତେବେ ଏହା କେବଳ ପଶ୍ଚିମ ଏସିଆ ପାଇଁ ନୁହେଁ ବରଂ ୟୁରୋପ, ଆମେରିକା ଏବଂ ସମଗ୍ର ବିଶ୍ୱ ପାଇଁ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବ। ତାଙ୍କ ଅନୁସାରେ, ଏହି ଚୁକ୍ତି ପୂର୍ବ ଚୁକ୍ତି ପରି ଦୁର୍ବଳ ହେବ ନାହିଁ, ବରଂ ଦୃଢ଼ ସୁରକ୍ଷା ଗ୍ୟାରେଟିଂ ସହିତ ପ୍ରସ୍ତୁତ କରାଯିବ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପୁଣି ଥରେ ଆମେରିକୀୟ ରାଜନୀତିରେ ଇରାନର ପରମାଣୁ ନୀତି ସମ୍ପର୍କରେ ବିତର୍କକୁ ପୁଣି ଥରେ ଇନ୍ଧନ ଯୋଗାଇଛି।

ଜୁନ୍ ୨୯ ମହାପ୍ରଭୁଙ୍କ ସ୍ନାନ ଯାତ୍ରା :

ପୁରୀ,୨୧/୪: ଆସନ୍ତା ଜୁନ ୨୯ ତାରିଖ ସୋମବାର ଦେବସ୍ନାନ ପୂର୍ଣ୍ଣିମା । ସ୍ନାନବେଦୀରେ ଶ୍ରୀଅଙ୍ଗେ ୧୦୮ ଗରା ଜଳ ଲାଗି ପରେ ହାତୀ (ଗଜାନନ) ବେଶରେ ଉଭା ହେବେ ଦାରୁବ୍ରହ୍ମ । ଏଣୁ ଅକ୍ଷୟ ତୃତୀୟାରେ ଅନୁକୂଳ କରାଯାଇ ହାତୀ ବେଶ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଘବ ଦାସ ଓ ଗୋପାଳ ତୀର୍ଥ ମଠରେ ପାରମ୍ପରିକ ଭାବେ ସମସ୍ତ ବେଶ ସାମଗ୍ରୀ ରଖି ପୂଜାର୍ଚ୍ଚନା କରାଯାଇଛି । ଦୟଣାମାଳି ସେବକ ବସନ୍ତ କୁମାର ରଣାଙ୍କ ତତ୍ୱାବଧାନରେ ଶୁଦ୍ଧପୂତ ଭାବେ ରହି କାରିଗରମାନେ ବେଶ ତିଆରି ଆରମ୍ଭ କରିଛନ୍ତି ।

ଫିକା ପଡ଼ିଲା ବିବାହ ଉତ୍ସବ : ବିଷାକ୍ତ ଖାଦ୍ୟ ଖାଇ ୪୦୦ ଅସୁସ୍ଥ

ଅହମଦାବାଦ,୨୧/୪: ଗୁଜରାଟର ଦାହୋଦ ଜିଲ୍ଲାର ଆଭଲୋଦ ଗାଁରେ ଏକ ବିବାହ ଉତ୍ସବରେ ବିଷାକ୍ତ ଖାଦ୍ୟ ଖାଇବା ପରେ ୪୦୦ ରୁ ଅଧିକ ଲୋକ ଅସୁସ୍ଥ ହୋଇ ପଡ଼ିଛନ୍ତି। ଏହି ଘଟଣା ଅଚଂଳରେ ଆତଙ୍କ ସୃଷ୍ଟି କରିଛି। ବହୁ ସଂଖ୍ୟକ ଲୋକଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ନ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ବିବାହ ଉତ୍ସବରେ ଲୋକେ ଖାଦ୍ୟ ଖାଇବାର କିଛି ଘଟାଂ ମଧ୍ୟରେ ବାନ୍ତି, ଝାଡ଼ା ଏବଂ ପେଟ ଯନ୍ତ୍ରଣା ଅନୁଭବ କରିବା ଆରମ୍ଭ କରିଥିଲେ। ପ୍ରଭାବିତ ଲୋକଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରୁ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତୁରନ୍ତ ସୂଚନା ଦିଆଯାଇଥିଲା। ଅସୁସ୍ଥ ଲୋକଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ଭର୍ନ୍ତି କରାଯାଇଛି। ଡାକ୍ତରଙ୍କ ଅନୁଯାୟୀ, ଅଧିକାଂଶ ପୀଡ଼ିତଙ୍କ ସ୍ୱାସ୍ଥ୍ୟବସ୍ଥା ବର୍ତମାନ ସ୍ଥିର ଅଛି। କିଛି ଜଣଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଖାଦ୍ୟରେ କିଛି ସମସ୍ୟାଥିବାର ସନ୍ଦେହ କରାଯାଇଛି। ପରିବେଷଣ କରାଯାଇଥିବା ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି, ରିପୋର୍ଟ ଆସିବା ପରେ ହିଁ ଖାଦ୍ୟ ବିଷାକ୍ତ ହେବାର ପ୍ରକୃତ କାରଣ ସ୍ୱଷ୍ଟ ହେବ। ସେମାନେ ଏହି ଘଟଣାରେ ଜଡିତ ଖାଦ୍ୟ ଯୋଗାଣ ବ୍ୟବସ୍ଥାର ମଧ ତଦନ୍ତ କରୁଛନ୍ତି, ଯାହା ଦ୍ୱାରା ଯଦି କୌଣସି ଅବହେଳା ଦେଖାଯାଏ ତେବେ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏପରି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ଅନୁରୋଧ କରାଯାଇଛି। ଏହି ଘଟଣା ପୁଣି ଥରେ ବଡ଼ କାର୍ଯ୍ୟକ୍ରମରେ ଖାଦ୍ୟର ଗୁଣବତା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

କେନ୍ଦୁଝର ଜିଲ୍ଲା ଭାରତୀୟ ମଜଦୂର ସଙ୍ଘ ସମନ୍ୱୟ ବୈଠକ

କେନ୍ଦୁଝର,୨୧/୪(ନି/ପ୍ର): ରବିବାର, ସ୍ଥାନୀୟ ବନବାସୀ କଲ୍ୟାଣ ଆଶ୍ରମ ପ୍ରାଙ୍ଗଣରେ ଭାରତୀୟ ମଜଦୂର ସଙ୍ଘ, ଓଡିଶା, କେନ୍ଦୁଝର ଜିଲ୍ଲା ଓ ଭାରତୀୟ ମଜଦୂର ସଙ୍ଘ, ଜିଲ୍ଲା ବିଧି ପ୍ରକୋଷ୍ଠ (ଲିଗାଲ ସେଲ), କେନ୍ଦୁଝର ଜିଲ୍ଲା ର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଲିଗାଲ ସେଲ ର ସଭାପତି, ଆଇନିଜୀବି ଶ୍ରୀ ରବିନ୍ଦ୍ର କୁମାର ସେଠୀ ଅଧକ୍ଷତା କରିଥିଲେ । ଉକ୍ତ ବୈଠକରେ ମୁଖ୍ୟ ଅତିଥିରୁପେ ରାଜ୍ୟ ବିଧି ପ୍ରକୋଷ୍ଠ, ଓଡିଶାର ସାଧାରଣ ସମ୍ପାଦକ, ଆଇନିଜୀବି ଶ୍ରୀ ରମାକାନ୍ତ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ରାଷ୍ଟ୍ରହିତ, ଉଦ୍ୟୋଗହିତ, ଶ୍ରମିକହିତ, ଉଦେଶ୍ୟରେ ଭାରତୀୟ ମଜଦୂର ସଙ୍ଘ ଦେଶରେ କାମକରି ଅଣରାଜନୈତିକ ଶ୍ରମିକ ସଂଗଠନ ହିସାବରେ ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ । ତତ୍‌ସହିତ ଜିଲ୍ଲାର ସଂଗଠନ ଓ ଆଇନ ବ୍ୟବସ୍ଥାରେ ସମସ୍ତେ କେମିତି ସାହାଯ୍ୟ ଓ ସହଯୋଗ ପାଇପାରିବେ, ସେ ବିଷୟରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ କେନ୍ଦୁଝର ଜିଲ୍ଲା ବିଧି ପ୍ରକୋଷ୍ଠର ଜିଲ୍ଲା କାର୍ଯ୍ୟକାରୀ କମିଟି କୁ ଆଗତ କରି ଘୋଷଣା କରିଥିଲେ । ସଂମାନନୀୟ ଅତିଥି ରୂପେ ଭାରତୀୟ ମଜଦୂର ସଙ୍ଘ, ଓଡିଶା ପ୍ରଦେଶର ଉପ ସଭାପତି ତଥା କେନ୍ଦୁଝର ଜିଲ୍ଲା ପ୍ରଭାରୀ ଶ୍ରୀ ଡାକ୍ତର ମହାନ୍ତ ଯୋଗ ଦେଇ ତାଙ୍କର ଅବିଭାଷଣରେ ନିଜ ନିଜ ଭିତରେ କିମ୍ବା ପରୋକ୍ଷ ବା ପ୍ରତ୍ୟେକ୍ଷ ଭାବରେ କାହାରିକୁ ସମାଲୋଚନା ନ କରି ନିଜ ଭିତରେ ସମାଧାନ କରି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ବହୁ ମନ୍ତବ୍ୟ ରଖି ଉକ୍ତ ସମନ୍ୱୟ ବୈଠକଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଉକ୍ତ ବୈଠକରେ ବାରେନ୍ୟ ଅତିଥିଭାବେ ଜିଲ୍ଲା ବିଧି ପ୍ରକୋଷ୍ଠର ସମ୍ପାଦକ, ଆଇନିଜୀବି ଶ୍ରୀ ସଞ୍ଜୟ କୁମାର ପାଇକରାୟ ଓ କୋଷାଧକ୍ଷ, ଆଇନିଜୀବି ଶ୍ରୀ ରଶ୍ମିକାନ୍ତ ବେହେରା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ତତ୍ ସହିତ ଭାରତୀୟ ମଜଦୂର ସଙ୍ଘର ଜିଲ୍ଲା ସମ୍ପାଦିକା-ଶ୍ରୀମତୀ ମିନାକ୍ଷୀ ପଲେଇ, କୋଷାଧକ୍ଷ-ଶ୍ରୀ ଚନ୍ଦନ ବୋଇପାଇ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦୀପକ କୁମାର ରାମ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘର ରାଜ୍ୟ ସମ୍ପାଦିକା-ଶ୍ରୀମତୀ ଧରିତ୍ରୀ ବାରିକ ଓ ଅଲ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କଶ ଅସୋସିଏସନ ଜିଲ୍ଲା କୋଷାଧକ୍ଷ- ସମବାରୀ ନାଏକ ଓ ଅନ୍ୟ ଭାରତୀୟ ମଜଦୂର ସଙ୍ଘ ସହ ସହବନ୍ଧିତ ଶ୍ରମିକ ସଂଗଠନର କାର୍ଯ୍ୟକର୍ତା ଭାଇ ଓ ଭଉଣୀ ମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ସଭାପତି-ଶ୍ରୀ ବାବୁଲାଲ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ବୋଲେରୋ ଚଢ଼ାଇ ହତ୍ୟା ମାମଲା: ରାମସିଂ ମୁଣ୍ଡାକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର,୨୧/୪(ନି/ପ୍ର): କେନ୍ଦୁଝରରେ ବୋଲେରୋ ଚଢ଼ାଇ ହତ୍ୟା ମାମଲାରେ ଅଭିଯୁକ୍ତ ରାମସିଂ ମୁଣ୍ଡାକୁ ଆଜୀବନ କାରାଦଣ୍ଡ ସଜା ଶୁଣାଇଲେ ଜିଲ୍ଲା ଦୌରାଜଜ୍ କୋର୍ଟ । ଏହାସହ ୧୦ ହଜାର ଟଙ୍କା ଜୋରିମାନା କଲେ । ଜୋରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଲେ କୋର୍ଟ । ବାଂଶପାଳ ବ୍ଲକ ନୟାକୋଟ ଥାନା ଲୁହାକଳା ଗାଁରେ ଗତ ୭-୧-୨୦୨୫ ଦିନ ଘଟିଥିଲା ଏହି ଘଟଣା । ବାଇକ୍ ର ଇଏମଆଇ ଆଦାୟ ପାଇଁ ଲୁହାକଳା ଗାଁର ରାସସିଂ ମୁଣ୍ଡା ଘରକୁ ଯାଇଥିଲେ ମନୋଜ କୁମାର ମହାନ୍ତ ଏବଂ ତାରିଣୀ ପ୍ରସାଦ ମହାନ୍ତ । ହେଲେ ସେମାନଙ୍କୁ ଏଟିଏମରୁ ଟଙ୍କା ଉଠାଇ ଦେବ କହି ସେମାନଙ୍କୁ କାଦକଳା ଯିବାକୁ କହିଥିଲା ରାମସିଂ ମୁଣ୍ଡା । ମନୋଜ କୁମାର ମହାନ୍ତ ଏବଂ ତାରିଣୀ ପ୍ରସାଦ ମହାନ୍ତ ବାଇକ୍ ରେ ଆଗରେ ଯାଉଥିବା ବେଳେ ପଛରେ ଏକ ବୋଲେରୋ ଚଲାଇ ଆସୁଥିବା ରାମସିଂ ମୁଣ୍ଡା ପଛରୁ ତାଙ୍କ ଉପରେ ବୋଲେରୋ ଚଢ଼ାଇ ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାରିଣୀ ପ୍ରସାଦଙ୍କର ମୃତ୍ୟୁ ଘଟିଥିବା ବେଳେ ମନୋଜ ଗୁରୁତର ଆହତ ହୋଇଥିଲେ । ଘଟଣାର ସାକ୍ଷୀ ମନୋଜ କୁମାର ମହାନ୍ତଙ୍କର ଅଭିଯୋଗ କ୍ରମେ, ନୟାକୋଟ ପୋଲିସ ଅଭିଯୁକ୍ତ ରାସସିଂ ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଏହି ମାମଲାରେ ୧୧ ଜଣ ସାକ୍ଷୀଙ୍କର ବୟାନକୁ ଭିତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି ।

ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

ଚମ୍ପୁଆ,୨୧/୪(ନି/ପ୍ର): ପରିବାରର ପେଟ ପୋଷିବା ପାଇଁ ଦାଦନ ଖଟିବାକୁ ଘରୁ ଗୋଡ କାଢ଼ିଥିଲେ । ହେଲେ ଅଧା ବାଟରୁ ନିଖୋଜ ହେଲେ । ନିଖୋଜ ଯୁବକ ଜଣକ ହେଉଛନ୍ତି ଚମ୍ପୁଆ ଏନଏସି ଅନ୍ତର୍ଗତ ୱାର୍ଡ ନଂ ଛଅ ଏଲଆଇସି କଲୋନୀରବାଦଲ ନାଏକଙ୍କ ପୁଅ ନିଖିଳ ନାଏକ(୩୦) । ନିଖିଳ ଗତ ୧୩ ତାରିଖ ସୋମବାର ଦିନ ଛଅ ଜଣଙ୍କ ସହିତ ଦାଦନ ଖଟିବାକୁ ବାଙ୍ଗାଲୋର ଯିବା ପାଇଁ ଘରୁ ଗୋଡ କାଢିଥିଲେ । ଚମ୍ପୁଆରୁ ଭୁବନେଶ୍ୱର ଯାଇ ସେଠାରୁ ବାଙ୍ଗାଲୋର ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ନଂ (୧୮୪୬୩) ରେ ସାଧାରଣ ବର୍ଗରେ ଚଢିଥିଲେ । ତେବେ ସେବେଠାରୁ ତାଙ୍କର ମୋବାଇଲ ସ୍ୱିଚ ଅଫ ଦେଖାଇବା ସହ ତାଙ୍କର ପତା ମିଳୁନାହିଁ । ତାଙ୍କ ସାଙ୍ଗରେ ଯାଇଥିବା ଛଅ ଜଣ ମଧ ତାଙ୍କ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ଦେଇପାରୁ ନାହାନ୍ତି । ସେମାନଙ୍କ କହିବା ଅନୁସାରେ ନିଖିଳ ଟ୍ରେନରୁ କୁଆଡେ ହଜିଯାଇଛନ୍ତି । ତେବେ ତାଙ୍କର ନିଖୋଜକୁ ଆଠ ଦିନ ବିତିଥିବା ବେଳେ ତାଙ୍କର କୌଣସି ଖୋଜ ଖବର ମିଳିପାରୁ ନାହିଁ । ନିଖିଳ ଘରର ଏକମାତ୍ର ରୋଜଗାରିଆ ପୁଅ ତଥା ସଦସ୍ୟ ହୋଇଥିବାରୁ ତାଙ୍କ ନିଖୋଜରେ ତାଙ୍କର ବିଧବା ମାଆଙ୍କ ସମେତ ପତ୍ନୀ ଓ ଦୁଇ ସନ୍ତାନ ଭାଙ୍ଗି ପଡ଼ିଛନ୍ତି । ନିଖିଳଙ୍କ ନିଖୋଜ ନେଇ ଆଠ ଦିନ ହେବ ଘରେ ଚୁଲି ଜଳି ନ ଥିବା ବେଳେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି । ନିଖିଳଙ୍କୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହ

କେନ୍ଦୁଝର,୨୧/୪(ନି/ପ୍ର): କେନ୍ଦୁଝରସ୍ଥିତ ଜୁଡ଼ିଆ ଫାର୍ମ ରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହରେ ଯୋଗଦେଇ ମାନ୍ୟବର ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଓଡିଶା ଗଣେଶ ରାମ ସିଂ ଖୁଟିଆ ଆଖିମୁଠି ଅନୁକୂଳ କରିଥିଲେ । ଆୟୋଜିତ ସାଧାରଣ ସଭାରେ, ମାନ୍ୟବର ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଓ ସରକାରଙ୍କ କାର୍ଯ୍ୟକ୍ରମ ବିଷୟରେ ଉଦବୋଧନ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍ସବ ପାଳନର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ । ସ୍ୱାଗତ ସମ୍ବର୍ଦ୍ଧନା ପରେ ମନ୍ତ୍ରୀ ଚାଷୀଭାଇଭଉଣୀଙ୍କୁ ମୃର୍ତ୍ତିକା ସ୍ୱାସ୍ଥ୍ୟ କାର୍ଡ, ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କାର୍ଯ୍ୟାଦେଶ ଓ ମହିଳା ଗୋଷ୍ଠୀଙ୍କୁ ମୂଳ ପାଣ୍ଠି ବଣ୍ଟନ କରିଥିଲେ । ଅନ୍ୟତମ ଅତିଥିଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡି, ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର ଶ୍ରୀ ମନ୍ଦରଧର ମହାଳିକ ଯୋଗ ଦେଇଥିଲେ ଓ ସଭାରେ ଉପସ୍ଥିତ ଥିବା କୃଷକ ଭାଇଭଉଣୀ, ସମ୍ପ୍ରସାରଣ କର୍ମୀ, ବୈଜ୍ଞାନିକ, କୃଷି ଓ ଆନୁସଙ୍ଗିକ କୃଷି ବିଭାଗର ଅଧିକାରୀମାନେ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନକୁ ସିଧାସଳଖ ପ୍ରସାରଣ ମାଧ୍ୟମରେ ଉପଭୋଗ କରିଥିଲେ । ତତ୍ପରେ ମାନ୍ୟବର ମନ୍ତ୍ରୀ ଜିଲାରେ ପରିଭ୍ରମଣର କରି ସଚେତନତା ସୃଷ୍ଟିକରିବା ପାଇଁ ଉଦ୍ଦିଷ୍ଟ କୃଷି ରଥ ପରିକ୍ରମା ଓ ପ୍ରାରମ୍ଭିକ ଯୋଜନା ଭାବେ କାର୍ଯ୍ୟକାରୀ ହେଉଥିବା ଆମ ବିହନ ରଥର ଶୁଭାରମ୍ଭ କରିଥିଲେ । ଆମ ବିହନ ରଥ ଯୋଜନାରେ କେନ୍ଦୁଝର ବ୍ଲକର ରାମଚନ୍ଦ୍ରପୁର ଗ୍ରାମର ଗୌତମ ମହାନ୍ତ ଓ ଭାଲିଆଡ଼ିହି ଗ୍ରାମର ବୀଣା ନାଏକଙ୍କୁ ବିହନ ବସ୍ତା ପ୍ରଦାନ କରି ମନ୍ତ୍ରୀ ବିହନ ବିକ୍ରିର ଶୁଭାରମ୍ଭ କରିଥିଲେ । ଆମ ବିହନ ରଥ ନିମନ୍ତେ ଚୟନ ହୋଇଥିବା ବିହନ ବିକ୍ରେତା ସାହାରପଡା ବ୍ଲକସ୍ଥିତ ଶ୍ରେୟାଂଶି ଏଣ୍ଟେରପ୍ରାଇଜେସର ସତ୍ତ୍ୱାଧିକାରୀ ଦେବ ପ୍ରସାଦ ମହାନ୍ତ ଆମ ବିହନ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସର୍ବଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଶ୍ରୀ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ କୃଷକ ଭାଇଭଉଣୀ ଭାଗ ନେଇଥିଲେ ।

ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଚମ୍ପୁଆର ସଫଳତା

କେନ୍ଦୁଝର,୨୧/୪(ନି/ପ୍ର): ଚମ୍ପୁଆ ସ୍ଥିତ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସି.ବି.ଏସ.ଇ. ବୋର୍ଡ ଦଶମ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଛି । ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ୧୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୯୮ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ସର୍ବୋଚ୍ଚ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧିକରିଛନ୍ତି । ତେବେ ୯୦ ପ୍ରତିଶତରୁ ଅଧିକ ୫ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲାବେଳେ ୮୦ ରୁ ୯୦ ପ୍ରତିଶତ ମଧ୍ୟରେ ୨୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ୭୦ ରୁ ୮୦ ପ୍ରତିଶତ ମଧ୍ୟରେ ୨୭ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଏହି ସଫଳତାରେ ବିଦ୍ୟାଳୟର ସଭାପତି ତଥା ନିର୍ଦ୍ଦେଶକ କେଶବ ଚନ୍ଦ୍ର ମହାନ୍ତ, ଅଧକ୍ଷ ରସକିନ୍ନେ ସାମେଟିଲ୍, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

କରଞ୍ଜିଆରେ ଅଖଣ୍ଡ ଚବିଶ ମହାମନ୍ତ୍ର ନାମଯଜ୍ଞ

କେନ୍ଦୁଝର,୨୧/୪(ନି/ପ୍ର): ଚମ୍ପୁଆ ବ୍ଲକ କରଞ୍ଜିଆ ପଂଚାୟତ ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ଅଖଣ୍ଡ ହରିନାମ ମହାମନ୍ତ୍ର ଚବିଶ ପ୍ରହର ନାମଯଜ୍ଞ ଚାରିଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ଗ୍ରାମର ଭକ୍ତ ଶ୍ରଦ୍ଧାଳୁ ମାନେ ନିକଟସ୍ଥ ପୋଖରୀ ଘାଟ ରୁ ଶୁଦ୍ଧ ଜଳ କଳସ ଆଣି ଘଟ ସ୍ଥାପନ କରିବା ପରେ ଅଧିବାସ, ନାମଯଜ୍ଞ ଆରମ୍ଭ କରାଯାଇଥିଲା । ପୂଜକ ଦିବ୍ୟଲୋଚନ ଶତପଥି ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବା ବେଳେ ସଂକଳ୍ପରେ ସଦାନନ୍ଦ ବଘେଲ, ସନ୍ତୋଷ କୁମାର ପାଲ ବସିଥିଲେ । ପ୍ରଥମେ ତୋଲକନଣ୍ଡା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ନେଇଥିଲେ । ଏହା ସହିତ ମହୁଲିଆ (ବାରିପଦା), ନହରା ବାରିପଦା, ହରିଣକ୍ଷ (ଟାଟା), ପଦ୍ମପୁର (କେନ୍ଦୁଝର), ସରକ୍ଷସିଙ୍ଗା (ଉଖୁଣ୍ଡା) 'ର ସଂକୀର୍ତ୍ତନ ଦଳ ହରିନାମ ମହାମନ୍ତ୍ର ନେଇଥିଲେ । ୧୮ ତାରିଖ ଶନିବାର ପୂର୍ଣ୍ଣାହୁତି ଓ ନଗର ପରିକ୍ରମା କରି ନାମ ସଂକୀର୍ତ୍ତନ କୁ ଉଦଯାପିତ କରାଯାଇଥିଲା । ହରିନାମ ଅଖଣ୍ଡ ମହାମନ୍ତ୍ର ଶୁଣିବାକୁ ଦେଖିବାକୁ ଗ୍ରାମ ତଥା ଅଂଚଳରୁ ସହସ୍ରାଧିକ ଭକ୍ତ ଶ୍ରଦ୍ଧାଳୁ ଜନତା, ପୁରୁଷ, ମହିଳାମାନଙ୍କ ସମାଗମ ହୋଇଥିଲା । କାର୍ଯ୍ୟକ୍ରମକୁ ଜୟ ଦୁର୍ଗା ପୂଜା ଯଜ୍ଞ କମିଟି ସଦସ୍ୟ ସୁଶାନ୍ତ କୁମାର ଚୌଧୁରୀ, ରଙ୍ଗାଧର ସାହୁ, ପ୍ରସନ୍ନ କୁମାର ପୃଷ୍ଟି, ପ୍ରଫୁଲ୍ଲ ସାହୁ, ମନୋଜ ଚୌଧୁରୀ, ସୁରେନ୍ଦ୍ର ପାତ୍ର, ପ୍ରଦୀପ ମହାନ୍ତ, ମଧୁସୂଦନ ଲୋହାର, ସନ୍ତୋଷ ପାଲ, ସନ୍ତୋଷ ନାଏକ, ଶୁଭ୍ରକ୍ଷଶୁ ଦିବେଦୀ, ସଞ୍ଜୀବ ସାହୁ ଦ୍ୱାରା ପରିଚାଳିତ ହୋଇଥିଲା ।

ନବରଙ୍ଗପୁରରେ ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ

ଚାଷୀଙ୍କୁ 'ସିଏମ୍ କିଷାନ୍' ସହାୟତାର ସିଧା ପ୍ରସାରଣ

ନବରଙ୍ଗପୁର,୨୧/୪(ନି/ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ଆଜି ଉତ୍ସାହ ଓ ଉଲ୍ଲାସର ସହିତ ପାଳିତ ହୋଇଛି । ପୂର୍ବାହ୍ନ ୯ଟା ସମୟରେ ଜାନକୀ ନଗର ସ୍ଥିତ ସିଆରପିଏଫ୍ ଛାଉଣୀ ରାସ୍ତା ପାର୍ଶ୍ୱ ଜମିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଉପସ୍ଥିତ ଥିଲେ । ପୂଜାର୍ଚ୍ଚନା ପରେ 'ଅକ୍ଷି ମୁଠି' ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମନ୍ତ୍ରୀ ଓ ବିଧାୟକ ଧାନ ବୁଣିବା ସହ ବଳଦ ଦ୍ୱାରା ଜମିରେ ହଳ ଚାଳି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହା ସହିତ କୃଷି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଜଳଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ବେହେରା, ଉଦ୍ୟାନ ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବିଜ୍ଞାନୀ ଶଶାଙ୍କ ଲେଙ୍କା ସହ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଚାଷୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଏହା ସହିତ ନବରଙ୍ଗପୁର ସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ସିଏମ୍ କିଷାନ୍' ଯୋଜନାରେ ଚାଷୀମାନଙ୍କୁ ୨୦୦୦ ଟଙ୍କା ସହାୟତା ବଣ୍ଟନ କାର୍ଯ୍ୟକ୍ରମ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରୁ ସିଧା ପ୍ରସାରଣ କରାଯାଇଥିଲା । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚାଷୀମାନଙ୍କୁ କୃଷକ ଦିବସର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ରାଜ୍ୟ ସରକାର ଚାଷୀଙ୍କ ଉନ୍ନତିକୁ ରାଜ୍ୟର ଉନ୍ନତି ସହ ସମ୍ପୃକ୍ତ ଭାବେ ଦେଖୁଛନ୍ତି ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ସଦା ସହାୟତା ଯୋଗାଇ ଆସୁଛନ୍ତି । ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଚାଷୀମାନଙ୍କୁ କେବଳ ଧାନ ଓ ମକା ଉପରେ ନିର୍ଭର ନହୋଇ ବିବିଧ ଫସଲ ଚାଷ କରିବା ସହ ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ରୁ ଦୂରେଇବାକୁ ପରାମର୍ଶ ଦେଇଥିଲେ । ଏହି ଯୋଜନା ଅନ୍ତର୍ଗତ ନବରଙ୍ଗପୁର ଜିଲ୍ଲାର ୧,୩୦,୪୦୨ ଜଣ ଚାଷୀଙ୍କ ଖାତାକୁ ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କା କରି ସହାୟତା ରାଶି ଜମା କରାଯାଇଛି । ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ୧୦୦ରୁ ଅଧିକ ଚାଷୀ ଉପସ୍ଥିତ ରହି ସିଧା ପ୍ରସାରଣ ଦେଖିଥିଲେ ।

କୋରାପୁଟ ଜିଲା : ଜଳଯନ୍ତ୍ରଣାରେ ଛଟପଟ ପଶୁପକ୍ଷୀ

ଜୟପୁର,୨୧/୪(ନି/ପ୍ର): କୋରାପୁଟ ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପ୍ରଚଣ୍ଡ ଖରାରେ ବୁଲା ପଶୁ ଜନ୍ତୁ ଓ ପକ୍ଷୀମାନେ ଶୋଷ ମେଟାଂଇବା ପାଇଁ କୋରାପୁଟ ଜିଲା ଜୟପୁର ସହର କୋରାପୁଟ, ବୈପାରିଗୁଡା, ସେମିଳିଗୁଡା, ଦାମାନଜୋଡି, ବୋରିଗୁମ୍ମାରେ ବୁଲା ପଶୁଯନ୍ତୁମାନେ ଜଳଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳୁଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବୁଲା ଗାଈଗୋରୁ, କୁକୁର ଓ ପକ୍ଷୀମାନଙ୍କ ଶୋଷ ମେଟାଂଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ତେଣୁ ପ୍ରଶାସନ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ମହଲରେ ଦୃଢ଼ ମତ ପ୍ରକାଶ ପାଉଛି । ପ୍ରଶାସନ ପକ୍ଷରୁ ପଶୁପକ୍ଷୀମାନଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ଜୟପୁର ସହରର ରାଜା ନହର, ପ୍ରସାଦରାଓ ପେଟା, ତାରିଣି ଛକ, ପାୱାର ହାଉସ କେତେକ ସାହିବସ୍ତି ସହ ବୋରିଗୁମ୍ମା, ବୈପାରିଗୁଡା, କୋରାପୁଟରେ ଜଳକୁଣ୍ଡ ସ୍ଥାପନ କରାଯାଇ ବୁଲା ପଶୁପକ୍ଷୀମାନଙ୍କ ପାଇଁ ପାନୀୟ ଜଳର ସୁବିଧା କରାଯିବା ନେଇ ଦାବି ହେଉଛି । ଏପରିକି ସହରର ଅନ୍ୟ ଅଂଚଳମାନଙ୍କରେ କେଉଁ କାରଣରୁ ଜଳକୁଣ୍ଡ ସ୍ଥାପନରେ ବିଳମ୍ବ କରାଯାଉଛି ତାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିଲା ବେଳେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଶୈଳୀ ପ୍ରତି ମଧ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଶାସନ ପକ୍ଷରୁ ଜୟପୁର ସହରର ଜଳକୁଣ୍ଡ ସ୍ଥାପନ ହୋଇନଥିବାରୁ ପାଣିଟୋପାଏ ପିଇବା ପାଇଁ ବୁଲା ପଶୁ ଜନ୍ତୁ ଓ ପକ୍ଷୀମାନେ ପ୍ରଚଣ୍ଡ ରୌଦ୍ରତାପରେ ତହଲ ବିକଳ ହେବା ସହ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଟାଇଁ ଟାଇଁ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିଲା ବେଳେ ଦିନ ୧୧ଟା ପରେ ଦାଉ ସାଧୁଛି ଖରା । ଯେଉଁଠି ମଣିଷ ପକ୍ଷେ ଘରୁ ବାହାରିବା ପ୍ରଚଣ୍ଡ ଖରାରେ ସମ୍ଭବପର ହେଉନାହିଁ । ଏପରିସ୍ଥଳେ କେତେକ ଅଂଚଳରେ ବୁଲା ପଶୁପକ୍ଷୀଙ୍କ ପରିସ୍ଥିତି ଅଧିକ ଜଟିଳ ହୋଇପଡୁଥିବା ଦେଖିବାକୁ ମିଳୁଛି । ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ସାଧାରଣ ଜନତାଙ୍କ ପାଖରେ ନାନା ସୁବିଧା ଥିଲାବେଳେ ଏପରି କ୍ଷେତ୍ରରେ ପଶୁପକ୍ଷୀଙ୍କ କଥା ପଚାରେ ବା କିଏ । ପଶୁପକ୍ଷୀଙ୍କ ତୃଷା ନିବାରଣ ପାଇଁ ସହରର ସମସ୍ତ ସାହି ବସ୍ତି ଗୁଡିକରେ କେବେ ଜଳକୁଣ୍ଡ ସ୍ଥାପନ ହେବ ତାହା ସାଧାରଣରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । କହିବାର ଶକ୍ତି ନାହିଁ ବୋଲି ବୁଲା ଗାଈଗୋରୁ ଓ ପଶୁପକ୍ଷୀ ମାନେ ପ୍ରତିବାଦ କରିପାରୁନାହାନ୍ତି । ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ପ୍ରଚଣ୍ଡ ଖରାରେ ପାଣି ଟୋପାଏ ପାଇଁ ବୁଲା ପଶୁପକ୍ଷୀମାନେ ସନ୍ତୁଳି ହେଉଛନ୍ତି ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି । ଖରା ବଢୁଛି ଅଥଚ ବର୍ତମାନ ସୁଦ୍ଧା ବୁଲା ପଶୁପକ୍ଷୀ ଏବଂ ବୁଲା ଗାଈଗୋରୁମାନେ ପିଇବା ପାଇଁ ସମସ୍ତ ସାହିବସ୍ତି ଗୁଡିକରେ ଜଳକୁଣ୍ଡ ରଖିବା ସମ୍ଭବପର ହୋଇପାରି ନାହିଁ । ଖାଦ୍ୟ ତ ଦୂରେ ଥାଉ, ଖରାରେ ତହଲ ବିକଳ ପରିସ୍ଥିତିରେ ପାଣି ମୁନ୍ଦେ ମିଳିବା ବୁଲା ପଶୁପକ୍ଷୀଙ୍କ ପାଇଁ କେତେକ ସାହିବସ୍ତିରେ ମୁସ୍କିଲ ହୋଇପଡିଲାଣି । ଏପରି କ୍ଷେତ୍ରରେ ବୁଲା ପଶୁପକ୍ଷୀ ଏବଂ ବୁଲା ଗାଈଗୋରୁଙ୍କ କଥା ବୁଝିବ ବା କିଏ ।

ଖଡ଼ିଆଳକୁ ରେଳପଥ ସଂଯୋଗ ନେଇ ସରକାର ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ନୂଆପଡ଼ା,୨୧/୪(ନି/ପ୍ର): କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏକ ସଭାରେ ଉଦବୋଧନ ଦେଇ ଓଡ଼ିଶାର ୩୦ ଜିଲ୍ଲା ମଧ୍ୟରୁ ୨୬ ଗୋଟି ଜିଲ୍ଲାରେ ରେଳପଥ ସଂଯୋଗ ହୋଇଥିବା ବେଳେ ଆସନ୍ତା ଦିନରେ ସମଗ୍ର ୩୦ ଜିଲ୍ଲାକୁ ରେଳ ପଥ ନିର୍ମାଣ ଓ ସଂଯୋଗ ହେବ ବୋଲି ପ୍ରକାଶ କରିଛନ୍ତି । ନୂଆପଡ଼ା ରେଳ ପଥ ମାତ୍ରା ସୀମାବର୍ତୀ ଅଂଚଳରେ ୩୧ କିଲୋମିଟର ଦେଇ ଗସ୍ତ କରିଛନ୍ତି । ବର୍ତମାନ ବରଗଡ଼- ନୂଆପଡ଼ା ରେଳ ପ୍ରକଳ୍ପରେ ୧୫ କିଲୋମିଟର ଅତିକ୍ରମ କରିବ । କିନ୍ତୁ, ଜିଲ୍ଲାର ମୁଖ୍ୟ ସହରକୁ ସଂଯୋଗ ପାଇଁ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମଧ ନିଜ ଅଭିଭାଷଣ ନେଇ ୫ ମିନିଟ ୩୭ ସେକେଣ୍ଡର ସମୟ ଅବଧି ମଧ୍ୟରେ କଳାହାଣ୍ଡି ସଂସଦ କ୍ଷେତ୍ରର ୧୯ ଗୋଟି ରେଳ ପ୍ରକଳ୍ପ ଦାବୀ ଉପସ୍ଥାପନା କରିଛନ୍ତି । ନିଜ କ୍ଷେତ୍ରର ୭ ଗୋଟି ବିଧାନସଭା କ୍ଷେତ୍ରରେ ରେଳପଥ ପ୍ରକଳ୍ପ ଉପସ୍ଥାପନା କରିଛନ୍ତି । କେନ୍ଦ୍ର ଜନଜାତି ଗୌରବ କରିଡ଼ରକୁ ସମ୍ପ୍ରସାରଣ ଦାବୀ କରିଥିବା ବେଳେ ଖଡିଆଳ କୋମନା ଦେଇ ଧର୍ମଗଡରୁ ନୂଆପଡ଼ା, କଣ୍ଟାବାଞ୍ଜି ପାଟଣାଗଡ ଦେଇ ଖଡିଆଳରୁ ବଲାଙ୍ଗୀରକୁ କେନ୍ଦ୍ର ଜନଜାତି ଗୌରବ କରିଡ଼ର ସମ୍ପ୍ରସାରଣ ପାଇଁ ଦାବୀ କରିଛନ୍ତି ।

ରୋଟାରି କ୍ଲବ ଜୟପୁର ପ୍ରାଇଡର ମାଗଣା ସ୍ୱାସ୍ଥ୍ୟ ଶିବିର

ଜୟପୁର,୨୧/୪(ନି/ପ୍ର): ରୋଟାରି କ୍ଲବ ଜୟପୁର ପ୍ରାଇଡର ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆଜି ଜୟପୁର ସୌରାଗୁଡା ସ୍ଥିତ ନମ୍ରତା ଚକ୍ଷୁ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ବିଶାଖାପାଟଣାର ଡାକ୍ତର ରାମାରାଓ ହସିପଟାଲର ୫ ଜଣ କାନ, ନାକ ଗଳା ବିଶେଷଜ୍ଞ ଡାକ୍ତର ଅଣ୍ଣପୁଣ୍ଣା ରାଓ, ଅସ୍ଥି ଶଲ୍ୟ ବିଶେଷଜ୍ଞ ଡ଼ାଇ ସୁରେନ୍ଦ୍ର, ଗ୍ୟାଷ୍ଟ୍ରୋ ଲୋଜିଷ୍ଟ ଡାକ୍ତର ଶିବ କୁମାର ବୁରା, ମଧୁମେହ ବିଶେଷଜ୍ଞ ଡାକ୍ତର ଚୈତନ୍ୟ ମୁର୍ତି, ସ୍ତ୍ରୀ ରୋଗ ବିଶେଷଜ୍ଞ ଆର ଶେଷା କୁମାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ୧୫୧ ଜଣ ରୋଗିଙ୍କ ଚିକିତ୍ସା କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ସେବା ସ୍ଥାନୀୟ ବନ୍ଧନ ବ୍ୟାଙ୍କ ଜୟପୁର ଶାଖାର କର୍ମଚାରିଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ରୋଟାରି କ୍ଲବର ପ୍ରାଇଡ ଜୟପୁରର ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ରବି ନାରାୟଣ ନନ୍ଦ, ଜୋନାଲ ଚେୟାର ରାମ ନାଥ ସାହୁ, ଜି ଭି ରାଓ, ପ୍ରଦିପ ସାହୁ, ନରେଶ ମହାକୁଳ, କାଳୁ ରାମ ପଣ୍ଡା, ସଞ୍ଜିବ ମିଶ୍ର, ସ୍ନେହିତ ମିଶ୍ର, ଜ୍ୟୋତି ଭୋଇ, ବିକ୍ରମ ସାହୁ, ମୁରଲିଧର ସାବତ, ରତ୍ନାକର ଚୌଧୁରି ଏହି ଶିବିରରେ ସହ ଯୋଗଦେଇଥିଲେ ।

ବିବିଧା

ଆଜିର ରାଶିଫଳ

ମେଷ: ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

ବୃଷ: ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

ମିଥୁନ: ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

କର୍କଟ: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

ସିଂହ: ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କନ୍ୟା: ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

ତୁଳା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିଅର ପାଇଁ ନୂଆ ଯୋଜନା କରିବେ।

ବିଛା: ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

ମକର: ଚିନ୍ତାରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

କୁମ୍ଭ: ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

ମୀନ: ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ।

ଆଜିର ଇତିହାସ

- ୧୬୮୨- ବ୍ୟାଙ୍କକ୍ ସହରର ସ୍ଥାପନା।
- ୧୯୨୬- ବ୍ରିଟେନର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜନ୍ମ।
- ୧୯୬୦- ବ୍ରାସିଲିଆ ବ୍ରାଜିଲର ରାଜଧାନୀ ହେଲା।
- ୧୯୮୭- ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ହୋଇଥିବା ବୋମା ବିସ୍ଫୋରଣରେ ୧୦୦ ଜଣଙ୍କ ପ୍ରାଣହାନି।
- ୨୦୦୭- ବ୍ରାୟନ୍ ଲାରା ଦିନିକିଆ କ୍ରିକେଟରୁ ଅବସର ନେଲେ।

ଆସିବ 'ଫାଇଟର୍'ର ସିକ୍ୱେଲ

ବଲିଉଡ୍‌ର ଆକ୍ସନ୍ ଥ୍ରିଲର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କର ଫିଲ୍ମ 'ଫାଇଟର୍' ୨୦୨୪ ମସିହାରେ ରିଲିଜ୍ ହୋଇଥିଲା। ଏଥିରେ ହୃତିକ୍ ରୋଶନ ଓ ଦୀପିକା ପାଦୁକୋନ୍ ଲିଡ୍ ରୋଲରେ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ଆଭରେଜ୍ ବିଜିନେସ୍ କରିଥିଲା। ଏବେ ସିଦ୍ଧାର୍ଥ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ସିଦ୍ଧାର୍ଥ ଏବେ କିଙ୍ଗ୍ ଖାନ୍ ଶାହାରୁଖଙ୍କ ସହ 'କିଙ୍ଗ୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। 'କିଙ୍ଗ୍' ଆସନ୍ତା ଡିସେମ୍ବର ୨୪ରେ ରିଲିଜ୍ ହେବ। ନିକଟରେ ସିଦ୍ଧାର୍ଥ ଏପରି କିଛି ପ୍ରତିକ୍ରିୟା ରଖିଛନ୍ତି, ଯେଉଁଥିପାଇଁ 'ଫାଇଟର୍ ୨'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ 'ଫାଇଟର୍ ୨'କୁ ନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ପୋଷ୍ଟରେ ଲେଖାଯାଇଥିଲା, 'ଫାଇଟର୍ ୨' ଫିଲ୍ମ ନିର୍ମାଣ କରାଯାଉଛି। ସିଦ୍ଧାର୍ଥ ମଧ୍ୟ ଏହାର ପ୍ରିପ୍ରଡକ୍ସନ୍ କାମ ସେପ୍ଟେମ୍ବରରୁ ଆରମ୍ଭ କରିବେ ବୋଲି କହିଛନ୍ତି। ମୂଳ ଫିଲ୍ମ ଭଳି ଏହାର ସିକ୍ୱେଲରେ ମଧ୍ୟ ହୃତିକ୍ ଓ ଦୀପିକା ନଜର ଆସିବେ। ଏହାର ବଜେଟ୍ ୫୦୦ କୋଟି ରହିଛି। ଏହା ଏକ ଭାରତୀୟ ଆକ୍ସନ୍ ଫିଲ୍ମ ତୁଳନାରେ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଏହି ପୋଷ୍ଟ ଉପରେ ସିଦ୍ଧାର୍ଥ କାହାରି ନଜର ନ ଲାଗୁ ଇମୋଜି ଦେଇଥିଲେ। ତେବେ ସିଦ୍ଧାର୍ଥଙ୍କ ଏଭଳି ପ୍ରତିକ୍ରିୟାରୁ ସେ 'ଫାଇଟର୍ ୨' ଆଣୁଛନ୍ତି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏବେ ସିଦ୍ଧାର୍ଥଙ୍କ ପୂରା ନଜର 'କିଙ୍ଗ୍' ଉପରେ ରହିଛି। ଏଥିରେ ଶାହାରୁଖଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅନିଲ କପୁର, ଦୀପିକା ପାଦୁକୋନ୍, ରାଣୀ ମୁଖାର୍ଜୀ ପ୍ରମୁଖ ନଜର ଆସିବେ।

କପି ରୋକିବାର ବିଚିତ୍ର ପ୍ରୟାସ

ରାସ୍ତାରେ ପରୀକ୍ଷା

ପରୀକ୍ଷା ସମୟରେ କପି ରୋକିବା ପାଇଁ କଡ଼ା ଚେକିଂ ସହ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ ହୋଇଥାଆନ୍ତି। ହେଲେ ଏହାରି ଭିତରେ ବିହାରର ଜଣେ ଶିକ୍ଷକ ପିଲାଙ୍କ କପି ରୋକିବାକୁ ଯାହା କରିଛନ୍ତି, ତାହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତେବେ ଏହି ଘଟଣାଟି କେବଳ ଭିନ୍ନ ନୁହେଁ, ବରଂ ଜଣେ ଶିକ୍ଷକଙ୍କ ସଚ୍ଚୋଟତା ଏବଂ ଦାୟିତ୍ୱବୋଧତାକୁ ମଧ୍ୟ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ସମ୍ପୃକ୍ତ ଟ୍ୟୁସନ ସାର୍ ଉକ୍ତ ପରୀକ୍ଷା ସ୍କୁଲ କିମ୍ବା କୌଣସି କୋଚିଂ ସେଣ୍ଟରରେ ନୁହେଁ ବରଂ ରାସ୍ତାକଡ଼ରେ ଆୟୋଜନ କରିଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ସେ ତାଙ୍କ ବିଦ୍ୟାର୍ଥୀଙ୍କୁ ପରସ୍ପରଠାରୁ ଦୂରରେ ଛିଡ଼ା କରାଉଛନ୍ତି। ଏହି ଉପାୟ ଅଜବ ଲାଗିଲେ ବି ଏହା ପଛରେ ତାଙ୍କର ମହତ୍ ଉଦ୍ଦେଶ୍ୟ ଥିବା ଜଣାପଡ଼ିଛି। ଏହାଦ୍ୱାରା ବିଦ୍ୟାର୍ଥୀମାନେ କପି କରିବେ ନାହିଁ ଏବଂ ନିଜ ପରିଶ୍ରମରେ ପରୀକ୍ଷା ଦେବେ। ସାଧାରଣତଃ ବିଦ୍ୟାର୍ଥୀ ପରୀକ୍ଷା ହଲରେ ପରସ୍ପରର ପାଖରେ ବସୁଥିବାରୁ ସେମାନେ ପଢ଼ାଚୋରି ପରୀକ୍ଷାରେ ଲେଖନ୍ତି। ହେଲେ ଏଠାରେ ଛାତ୍ରଛାତ୍ରୀମାନେ ପରସ୍ପରଠାରୁ ଏତେ ଦୂରରେ ବସିଛନ୍ତି ଯେ, କେହି ବି କାହାଠାରୁ କୌଣସି ପ୍ରକାର ସାହାଯ୍ୟ ନେଇପାରିବେ ନାହିଁ। ଏହି ପୂରା ପ୍ରକ୍ରିୟାରେ ଅନୁଶାସନ ଉପରେ ବି ବିଶେଷ ଦୃଷ୍ଟି ରଖାଯାଇଛି। ଭିଡିଓରେ ଦେଖାଯାଉଛି ଯେ, ରାସ୍ତାର ଦୁଇ କଡ଼ରେ ପିଲାମାନେ ପରସ୍ପରଠାରୁ କିଛି ବ୍ୟବଧାନରେ ବସିଛନ୍ତି। କେବଳ ସେତିକି ନୁହେଁ, କିଏ ଛିଡ଼ା ହୋଇ ପରୀକ୍ଷା ଦେଉଛନ୍ତି ତ ଆଉ କିଏ ବସିକି ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି। ଏହିପରି ଭାବେ ଛାତ୍ରଛାତ୍ରୀ ନିଜ ସ୍ଥାନରେ ଶାନ୍ତିରେ ବସି ରହି କୌଣସି ପାଟିତୁଣ୍ଡ ନ କରି ପରୀକ୍ଷା ଦେଉଛନ୍ତି। ଅନ୍ୟପଟେ ଏହି ବିଚିତ୍ର ପରୀକ୍ଷା ବ୍ୟବସ୍ଥାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହ ଶିକ୍ଷକଙ୍କ ପ୍ରୟାସରେ ପ୍ରଭାବିତ ବି ହୋଇଛନ୍ତି। ଅନେକ ଲୋକ ଶିକ୍ଷକଙ୍କୁ ପ୍ରଶଂସା କରିବା ସହ ଶିକ୍ଷାରେ ସଚ୍ଚୋଟତା ବଜାୟ ରଖିବା ପାଇଁ ଏପରି ପଦକ୍ଷେପ ଜରୁରି ବୋଲି କହିଛନ୍ତି।

ଏଠାରେ ବିବାହରେ ଅତିଥିଙ୍କୁ ମିଳେନି ଖାଦ୍ୟ

ଭାରତରେ ବିବାହ ସମୟରେ ନବଦମ୍ପତିଙ୍କୁ ଆଶୀର୍ବାଦ କରିବା ପାଇଁ ବନ୍ଧୁବାନ୍ଧବ ଓ ପରିଜନ ଏକତ୍ରିତ ହୋଇଥାଆନ୍ତି। ବରବଧୂଙ୍କୁ ଉପହାର ପ୍ରଦାନ କରି ଅତିଥି ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇଥାନ୍ତି। ଖାସ୍ ସେଥିପାଇଁ ବିବାହ ଭୋଜିରେ ପାରମ୍ପରିକ ଓ ଆଧୁନିକ ବ୍ୟଞ୍ଜନର ସମାହାର ଦେଖିବାକୁ ମିଳେ। ଏଥିପାଇଁ ଲୋକେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ହେଲେ ଏହାରୁ ବ୍ୟତିକ୍ରମ ନେଦରଲ୍ୟାଣ୍ଡ। ତତ୍ ବିବାହରେ ସାମିଲ ହୋଇଥିବା ଅତିଥିଙ୍କୁ କେବଳ ବରବଧୂଙ୍କୁ ଆଶୀର୍ବାଦ ଦେବାକୁ ସୁଯୋଗ ମିଳେ। ଅତିଥିଙ୍କ ଖାଇବା ପାଇଁ କୌଣସି ପ୍ରକାର ବନ୍ଦୋବସ୍ତ କରାଯାଏ ନାହିଁ। କେବଳ ସେମାନଙ୍କୁ କିଛି ପାନୀୟ ଦିଆଯାଏ। ଏଠାରେ ବିବାହରେ ଆଉ ଏକ ରୋଚକ କଥା ଦେଖିବାକୁ ମିଳେ। ଅତିଥିଙ୍କୁ ମୁଖ୍ୟତଃ ତିନିଟି ବର୍ଗରେ ବାଣ୍ଟି ଦିଆଯାଏ। ଯେପରିକି ଡେ ଗେଷ୍ଟ, ରିସେପସନ୍ ଗେଷ୍ଟ, ଇଭିନିଂ ଗେଷ୍ଟ ଇତ୍ୟାଦି। ଡେ' ଗେଷ୍ଟରେ ନିକଟ ସମ୍ପର୍କୀୟ ଓ ଅତି ଘନିଷ୍ଠ ବନ୍ଧୁ ସାମିଲ ହୋଇଥାନ୍ତି। ଏମାନଙ୍କୁ ସମ୍ପୂର୍ଣ୍ଣ ବିବାହ କାର୍ଯ୍ୟକ୍ରମରେ ସାମିଲ କରାଯାଏ। ଏମାନେ ବିବାହ ରିସେପସନ୍ ପାର୍ଟିର ମଜା ଉଠାଇବା ସହ ସବୁ ପ୍ରକାର ଖାଇବାର ମଜା ନେଇଥାନ୍ତି। ସେହିପରି ରିସେପସନ୍ ଗେଷ୍ଟ କେବଳ ରିସେପସନ୍‌ରେ ଆସି ବରବଧୂଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି। ସେମାନଙ୍କୁ ଉେଡିଂ କେକ୍ ସହ ସାମ୍ପେନ୍ କିମ୍ବା ଡ୍ରିଙ୍କସ୍ ଓ ହାଲ୍‌କା ଫୁଲ୍‌କା ସ୍ନାକ୍ସ କିଛି ମିଳିଥାଏ। ରାତ୍ରୀ ଭୋଜନକୁ କିନ୍ତୁ ସେମାନଙ୍କୁ ବାଦ୍ ଦିଆଯାଇଥାଏ। ଏହି ଶ୍ରେଣୀର ଅତିଥିଙ୍କୁ କେବଳ ଆଶୀର୍ବାଦ ତଥା ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ନିମନ୍ତ୍ରଣ କରାଯାଏ। ସେହିପରି ଇଭିନିଂ ଗେଷ୍ଟରେ ବନ୍ଧୁ, ସହକର୍ମୀ କିମ୍ବା ଦୂର ସମ୍ପର୍କୀୟ ସାମିଲ ହୋଇଥାନ୍ତି। ଏହି ଅତିଥିମାନେ କେବଳ ପାର୍ଟିରେ ସାମିଲ ହୋଇଥାନ୍ତି। ତେବେ ଏଠାରେ ଅତିଥିଙ୍କ ପାଇଁ ଭିନ୍ନ ଭିନ୍ନ ବିବାହ ନିମନ୍ତ୍ରଣ ପତ୍ର ଦିଆଯାଏ। ଏଥିରେ ସେମାନଙ୍କୁ କେଉଁ କେଉଁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅଛି ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥାଏ। ନିମନ୍ତ୍ରଣ ପତ୍ରରେ କେବଳ ରିସେପସନ୍ ଲେଖାଥିଲେ ରାତ୍ରି ଭୋଜନ ବ୍ୟବସ୍ଥା ନ ଥିବା ସୂଚାଏ। ଏହି ଶ୍ରେଣୀର ଅତିଥି ବରବଧୂଙ୍କୁ ଶୁଭେଚ୍ଛା ଦେବା ପରେ ଘରକୁ ବାହୁଡ଼ି ଯାଆନ୍ତି। ବିବାହରେ ଏପରି ପରମ୍ପରା ପ୍ରଚଳନ ହେବାର ମୁଖ୍ୟ କାରଣ ହେଉଛି ଡଚ୍ ଲୋକେ ବଜେଟ୍ ସଚେତନ। ଅପରପକ୍ଷରେ ଏଠାରେ ବିବାହର ସମ୍ପୂର୍ଣ୍ଣ ଖର୍ଚ୍ଚ ନବ ଦମ୍ପତି ଉଠାଇଥାନ୍ତି। ତେଣୁ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ସେମାନେ କେବଳ ଘନିଷ୍ଠ ଲୋକଙ୍କୁ ରାତ୍ରି ଭୋଜନ ପାଇଁ ଡାକନ୍ତି।

ଛାତ ଉପରେ ପଦ୍ମ, କଇଁ

ଫଳୁଛି ଜାପାନୀ ମିଆଜାକି ଆମ୍ବ

ପରିଶ୍ରମ କଲେ ମାଟି ମା ସୁନା ଫଳାଏ। ଏଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛା ଶକ୍ତି, କାମ କରିବାର ଆଗ୍ରହ। ଏହି ଉକ୍ତିକୁ ସତ ପ୍ରମାଣିତ କରିଛନ୍ତି ଭୁବନେଶ୍ୱର, ରସୁଲଗଡ଼ର ଚନ୍ଦନ ସାମନ୍ତରାୟ। ନିଜ ସଉକ ପୂରା କରିବାକୁ ଛାତ ଉପରେ ସେ ପଦ୍ମ ଏବଂ କଇଁ ଚାରା ଲଗାଇଥିଲେ। ସେହି ସଉକ ଏବେ ପାଲଟିଛି ରୋଜଗାରର ମାଧ୍ୟମ। ବର୍ତ୍ତମାନ ତାଙ୍କ ଛାତରେ ବିଭିନ୍ନ ପ୍ରଜାତିର ପଦ୍ମ ଓ କଇଁ ସହିତ ଅଢ଼େଇ ଲକ୍ଷ ଟଙ୍କିଆ ଆମ୍ବ ଫଳୁଛି।

କରୋନାରେ ବ୍ୟବସାୟରୁ ଛୁଟି ପାଇଁ ସେ ଛାତରେ ବଡ଼ କୁଣ୍ଡରେ କିଛି ପଦ୍ମ ଓ କଇଁ ଲଗାଇ ଥିଲେ। ପରେ ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ କରିଥିଲେ। ବର୍ତ୍ତମାନ ତାଙ୍କ ଛାତରେ ବିଭିନ୍ନ ପ୍ରଜାତିର ପଦ୍ମ ଓ କଇଁ ରହିଛି। ଭିଏତନାମ, ଥାଇଲାଣ୍ଡ ଏବଂ କେରଳରୁ ସେ ଏହି ଚାରା ଆଣିଛନ୍ତି। ଚାଷରେ ସଠିକ ଯତ୍ନ ନେବାର ଆବଶ୍ୟକତା ଥିବାରୁ ଏଥିପାଇଁ ଚନ୍ଦନ ନିଜେ ପଙ୍କ ତିଆରି କରନ୍ତି। କୁଣ୍ଡରେ ପ୍ରତି ତିନି ଦିନରେ ଥରେ ପାଣି ଓଲଟପାଲଟ କରିବା ସହ ଜରଜ ଜୈବିକ ସାର ଦେଇଥାନ୍ତି। ଫୁଲକୁ ମହାପ୍ରଭୁ ଜଗନ୍ନାଥଙ୍କ ପାଖକୁ ପଠାନ୍ତି। ବଡ଼ କୁଣ୍ଡ ସହିତ ଫୁଲ ଚାରା ଗୋଟାକୁ ସେ ୯୦୦ରୁ ୧୦୦୦ଟଙ୍କାରେ ବିକ୍ରି କରିଥାନ୍ତି। ଅଲ୍ଟିମେଟ୍ ଥାଇଲାଣ୍ଡ ପେଟାଲ୍ ଏବଂ ହ୍ୱାଇଟ୍ ପିଓନିର ଚାହିଦା ଅଧିକ ଥାଏ। ଛାତରେ ସେଓ, ଆମ୍ବ, କାଠଚମ୍ପା ମଧ୍ୟ ରହିଛି। ଚନ୍ଦନ କୁହନ୍ତି, ଗୋଟିଏ ଫୁଲକୁଣ୍ଡରେ ଯତ୍ନ ନେବା ଦ୍ୱାରା ଏଥିରୁ ୨୦ଟି ଚାରା ବାହାରେ। ଏହି ଚାରା ବିକ୍ରି କରି ଜଣେ ଆତ୍ମନିର୍ଭରଶୀଳ ହୋଇପାରିବେ। ଚନ୍ଦନଙ୍କ ଦ୍ୱାରା କରିଥିବା ଫୁଲ ଗଛ ଏବେ ପୁରୀ ଶ୍ରୀମନ୍ଦିର ଉପବନ, କୋଇଲି ବୈକୁଣ୍ଠ, ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର, ମ୍ୟୁଜିୟମ ଆଦି ସ୍ଥାନର ସୌନ୍ଦର୍ଯ୍ୟ ବଢ଼ାଉଛି।

ସେହିପରି ଛାତରେ ଶହେ ଲିଟର କୁଣ୍ଡରେ ସେ ଦାମୀ ଜାପାନୀ ମିଆଜାକି ଆମ୍ବଗଛ ଲଗାଇଛନ୍ତି। ମଧ୍ୟପ୍ରଦେଶର ଏକ ଫାର୍ମରୁ ଚାରା ଆଣି ଚାରି ବର୍ଷ ତଳୁ ପୂର୍ବବର୍ଷ ଏହାକୁ ଲଗାଇ ଥିଲେ। ଗଛର ସଠିକ ଯତ୍ନ ନେବାରେ ଅବହେଳା ଯୋଗୁଁ କୁହୁଡ଼ିରେ ଆମ୍ବ ଝଡ଼ି ଯାଇଥିଲା। ଚଳିତ ବର୍ଷ ମାତ୍ର ଚାରିଟି ଆମ୍ବ ଫଳିଛି। ଆନ୍ତର୍ଜାତୀୟ ବଜାରରେ ଏହି ଆମ୍ବ କେଜି ପିଛା ଦର ଅଢ଼େଇ ଲକ୍ଷ ଟଙ୍କା। ଆଗାମୀ ଦିନରେ ଭଲ ରୋଜଗାର ଦେଉଥିବା ପଦ୍ମ, କଇଁ ସହିତ ସୁସ୍ୱାଦୁ ଆମ୍ବ ଫଳାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଚାଷର ଦେଖାଶୁଣା ପାଇଁ ସେ ଦୁଇଜଣ ଲୋକ ନିୟୋଜିତ କରିବା ସହ ନିଜେ ମଧ୍ୟ ଦିନକୁ ତିନିଘଣ୍ଟା ସମୟ ଦିଅନ୍ତି। ଚନ୍ଦନ କୁହନ୍ତି "ଯୁବପିଢ଼ି ଚାକିରି ଅନ୍ୱେଷଣରେ ବାହାରକୁ ନ ଯାଇ ନିଜ ଘର ଛାତରେ ଆଧୁନିକ ପ୍ରଣାଳୀରେ ଚାଷ କରି ଅଧିକ ଲାଭବାନ ହୋଇ ପାରିବେ।"

ସୁବର୍ଣ୍ଣ

କେମିତି ବଢ଼ାଇବେ ମାଛର ଓଜନ

ବର୍ତ୍ତମାନ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ଯୋଗୁ ପୋଖରୀ ପାଣିର ତାପମାତ୍ରା ବୃଦ୍ଧି ପାଉଛି। ପାଣିର ତାପମାତ୍ରା ବଢ଼ିଲେ ମାଛଙ୍କ ଶରୀରର ତାପମାତ୍ରା ବଢ଼ିଥାଏ। ତେଣୁ ସେମାନେ ଚଞ୍ଚଳ ରହିଥାନ୍ତି। ଅଧିକ ଶାରୀରିକ କ୍ରିୟା ଯୋଗୁଁ ସେମାନଙ୍କୁ ଭୋକ ହୋଇଥାଏ। ଅଧିକ ଖାଦ୍ୟ ଖାଇଥାନ୍ତି। ଖାଦ୍ୟ ହଜମ ବି ଭଲ ହୋଇଥାଏ। ତେଣୁ ଏହି ସମୟରେ ମାଛ ପୋଖରୀର ଉପଯୁକ୍ତ ଯତ୍ନ ନେଲେ ମାଛଙ୍କ ଓଜନ ବୃଦ୍ଧି ସହଜ ହୋଇଥାଏ। ସେଥିପାଇଁ ଖରାଦିନେ ମାଛଙ୍କୁ ଦିନକୁ ଅତି କମ୍‌ରେ ଦୁଇଥର ସକାଳେ ଏବଂ ଉପରବେଳା ଖାଇବାକୁ ଦିଅନ୍ତୁ। ଏଥିପାଇଁ ମାଛ ଦାନା କିମ୍ବା କାଣିଆ କୁଣ୍ଡା ପିଡ଼ିଆ ମିଶ୍ରଣ ଖାଇବାକୁ ଦେଇ ପାରିବେ। ମାଛପୋଖରୀ ପାଣିର ପତନ ସର୍ବଦା ପାଞ୍ଚ ଫୁଟ ବିହାଡି ରହିବା ଆବଶ୍ୟକ। ସେହିପରି ପୋଖରୀରେ ପାଣି କମିଲେ ମାଛ ବୃଦ୍ଧିରେ ସମସ୍ୟା ହୁଏ। ଏଥିପାଇଁ ନିୟମିତ ପାଣିର ପିଏଚ୍ ଏବଂ ମୋଟ୍ କ୍ଷାରତ୍ୱ ପରୀକ୍ଷା କରି ଚୂନ ପ୍ରୟୋଗ କରି ପାରିବେ।

କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଦିନବେଳା ତାପମାତ୍ରା ଅଧିକ ରହୁଥିବାରୁ ଫସଲକୁ ସୁରକ୍ଷା କରିବା ପାଇଁ ଆବଶ୍ୟକ ଥିଲେ ଥିଲେ ଖରାଟିଆ ମକା ଓ ପନିପରିବାରେ ନିୟମିତ ଜଳସେଚନ କରନ୍ତୁ।
- ସୁବିଧା ଥିଲେ ଫଳ ବଗିଚା କିମ୍ବା ଅଧିକ ଚଉଡ଼ାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ।
- ଅମୃତଭଣ୍ଡା ଫସଲରେ ପାଉଁଶିଆ ଓ କଳାଦାଗ ରୋଗ ନିୟନ୍ତ୍ରଣ ପାଇଁ ଥିଓଫେନେଟ ମିଥାଇଲ ୭୦% ଡବ୍ଲ୍ୟୁପିକୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଲେମ୍ବୁ ଓ ଗୋଲାପ ଗଛରେ ନାଲି ବୁଢ଼ିଆଣି ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସଲଫର୍ ବେସିଡ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଗାଇଟ୍ ନାମକ କୀଟନାଶକ କିମ୍ବା ୨ ମିଲି ଫେନ୍‌ପାଇରକ୍ସିମେଟ୍ ମିଶାଇ ସିଞ୍ଚନ କରନ୍ତୁ।
- ଗାଈଗୋରୁ, କୁକୁଡ଼ା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ।

ଲେଜର୍ ଲ୍ୟାଣ୍ଡ ଲେଭଲର୍



ବର୍ତ୍ତମାନ ଚାଷକ୍ଷେତ୍ରରେ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ପାଇଁ ବିଭିନ୍ନ କୃଷି ଉପକରଣ ବ୍ୟବହାର କରାଯାଉଛି। ଏମିତି ଏକ ଅତ୍ୟାଧୁନିକ କୃଷି ଯନ୍ତ୍ର ହେଉଛି ଲେଜର୍ ଲ୍ୟାଣ୍ଡ ଲେଭଲର୍। ଜମିକୁ ସମତଳ କରିବାକୁ ଏହି ଯନ୍ତ୍ର ବ୍ୟବହାର କରାଯାଏ। ସାଧାରଣତଃ ଫସଲ ବୁଣିବା ପୂର୍ବରୁ ଜମିକୁ ସମତଳ କରାଯାଏ। ଜମିରେ ମାଟି ଅବଢ଼ା ଖାବଡ଼ା ରହିଲେ, ଜଳ ଜମି ଫସଲ ନଷ୍ଟ ହେବା ଆଶଙ୍କା ବଢ଼ିଯାଏ। ତେଣୁ ଏହି ଯନ୍ତ୍ରଟି ଟ୍ରାକ୍ଟର ସହିତ ସଂଯୋଗ କରାଯାଇ ବ୍ୟବହାର କରାଯାଏ। ଏଥିରେ ଥିବା ଏକ ଲେଜର ଗାଇଡେଡ୍ ପ୍ରଣାଳୀ ଜମିର ଅବଢ଼ାଖାବଡ଼ା ସ୍ଥାନକୁ ଚିହ୍ନିଥାଏ। ଏଥିରେ ଏକ ନିୟନ୍ତ୍ରଣ ବାକ୍ସ, ଲେଜର୍ ଟ୍ରାନ୍ସମିଟର ଏବଂ ରିସିଭର ରହିଛି। ଏହି ମେସିନ୍‌ରେ ଥିବା ସ୍ୱତନ୍ତ୍ର ପ୍ରଣାଳୀ ଦ୍ୱାରା ମେସିନ୍‌ର ଲେଭଲର୍ ପାତ ସ୍ୱଂଚାଳିତ ଭାବେ ମାଟିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରି ଜମିକୁ ସମତଳ କରିଥାଏ। ଏହି ଯନ୍ତ୍ରଟି ମାଟିକୁ ସମ୍ପୂର୍ଣ୍ଣ ଭାବେ ସମତଳ କରିପାରେ। ମାଟି ସମତଳ ଯୋଗୁଁ ଜମିରେ କମ୍ ପାଣିର ଆବଶ୍ୟକ ହୋଇଥାଏ। ସମସ୍ତ ଫସଲକୁ ସଠିକ ମାତ୍ରାର ଖାଦ୍ୟ ପୋଷଣ ମିଳିଥାଏ। ଫସଲ ସମାନ ରୂପେ ବଢ଼ିଥାଏ।

ଲେମ୍ବୁ ଗଛରୁ ଫୁଲ ଝଡ଼ୁଥିଲେ...

ପରିବର୍ତ୍ତିତ ଜଳବାୟୁ ଓ ଅଧିକ ତାପମାତ୍ରା ବୃଦ୍ଧି ଯୋଗୁ ଫସଲ ପ୍ରଭାବିତ ହୁଏ। ବନ୍ଦୁଧଳୁ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଏ ଲେମ୍ବୁ ଗଛରୁ ଫୁଲ ଝଡ଼ିବା। ଅଧିକାଂଶ ଗଛରେ ଅଧିକ ଫୁଲ ଆସି ବି କିଛି ଦିନରେ ଫୁଲ ଝଡ଼ିଯାଏ। ଛୋଟ ଛୋଟ ଫଳ ଫାଟିଯାଏ। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ଲେମ୍ବୁ ଚାରା ରୋପଣ ସମୟରେ ସଠିକ୍ ସ୍ଥାନ ଚୟନ, ରୋଗମୁକ୍ତ ମାଟି, ପୋଷଣ ଓ ଜଳସେଚନକୁ ସୁରୁତ୍ୱ ଦେବା ଏକାନ୍ତ ଆବଶ୍ୟକ। ଲେମ୍ବୁ ଗଛରେ ବୃଷ୍ଟ ଟଲ୍, ବୋରନ୍ ଆଦି ଅଭାବରୁ ଗଛ ଦୁର୍ବଳ ହୋଇଯାଏ। ଫୁଲ ଝଡ଼ିଥାଏ। ଗଛ ବୃଦ୍ଧି ପାଇଁ ସଠିକ ପୋଷଣ ଦେବା ସହ ମାଟିର ସ୍ଥିତି ଦେଖି ଜଳସେଚନ କରିବା ଆବଶ୍ୟକ। ପୁରୁଣା ଗଛ ମୂଳେ ମାଟିକୁ ଖୁସାଇ ନୂଆ ମାଟି ସହ କିଆଖତ ମିଶାଇ ଦେଇପାରିବେ। ଶୁଖିଲା କିମ୍ବା ରୋଗଗ୍ରସ୍ତ ଡାଳ କାଟି ଦେବା ଉଚିତ। ବୋରନଯୁକ୍ତ ଖତ, ତରଳ ଔଷଧ, ହରମୋନ୍ ଆଦି ସିଞ୍ଚନ ଦ୍ୱାରା ଗଛରେ ଅଧିକ ଫୁଲ ଫୁଟିବା ସହ ଫଳ ଝଡ଼ିବା କମ୍ ହୋଇଥାଏ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୨୨ ଏପ୍ରିଲ ୨୦୨୬

ଘର ସଂସାର

ଏସଂସାର ମାନବୀୟ ବନ୍ଧନ ଯୋଗୁଁ ତିଷ୍ଠି ରହିଛି । ସଂସାରରେ ଜନ୍ମନେଇ କିଏ ଗର୍ବ କରି କହିପାରିବ ଯେ ତା' ଜୀବନରେ ନିରବଛିନ୍ନ ସୁଖ ସମୃଦ୍ଧି ବିରାଜମାନ କରିବ ? ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି, ଏଣୁ ଦୁଃଖ କଷ୍ଟ ଟେନ୍‌ସନ୍, ଆଖିଲୁହ ସବୁ ସହିବାରେ ମଣିଷ ଯୁଗ ଯୁଗ ଧରି ଅଭ୍ୟସ୍ତ । ଦୁଃଖ ସମୟରେ ମଣିଷ ନିଜକୁ ଏକାକୀ ମନେକରେ । ମନ ଚାହେଁ, କିଏ ଜଣେ ତା' ପାଖରେ ଥାଆନ୍ତା କି, ମନ ଖୋଲି ତା' ଦୁଃଖ କଥା ତା' ପାଖରେ ବଖାଣନ୍ତା । ସ୍ୱାମୀ ଶିବାନନ୍ଦ କହିଛନ୍ତି– Evry kind act, every kind word and hehaviour which tend to promote the happiness of others are all acts of charity.. କିନ୍ତୁ ହାୟ, ଆଜିର ଏ ଯୁଗରେ ମନଖୋଲି କଥା ପଦେ କହିପାରିବା ଭଳି ବନ୍ଧୁ ବିରଳ ! ଏଇ ସମବେଦନା, ଏଇ ସହଭାଗିତା ପାଇଁ ପରିବାରର ସୃଷ୍ଟି । ପରିବାର ଅର୍ଥ- ପରିବାରର ସମସ୍ତ ସଦସ୍ୟ ପରସ୍ପରର ଦୁଃଖ ସୁଖର ସାଥୀ ହେବେ । ଯେଉଁ ପରିବାରରେ ଏଇ ଐତିହ୍ୟ ରହିଛି ସେ ପରିବାର ଭାଙ୍ଗିବା ସହଜ ନୁହେଁ । ପରିବାରର ଜଣେ ଯଦି ଆତ୍ମକୈନ୍ଦ୍ରିକ ହେବ, ବିପଦ ବେଳେ ତା' ପାଖରେ କିଏ ଠିଆ ହେବ ? କାରଣ ଆଜିର ସମାଜରେ ଅଭିନ୍ନ ହୃଦୟର ବନ୍ଧୁ ସ୍ୱପ୍ନ । ଏଭଳି ଏକ ସମୟ ପଡ଼ିଛି, ଆନ୍ତରିକ ଭାବରେ କେହି କାହାକୁ ବିଶ୍ୱାସ କରୁନାହାଁନ୍ତି । ପିତା ପୁତ୍ର, ସ୍ୱାମୀ ସ୍ତ୍ରୀ ଭଳି ଅତି ଅନ୍ତରଙ୍ଗ ସଂପର୍କରେ ମଧ୍ୟ ଆଜି ବିପନ୍ନତା ଦେଖାଦେଲାଣି । ମମତ୍ୱବୋଧ ଆଜି କମି କମି ଯାଉଛି । ଦୟା, କ୍ଷମା, ପ୍ରେମ, ତ୍ୟାଗରୁ ମମତ୍ୱବୋଧ ଜନ୍ମନିଏ । ଏସବୁ ନଥାଇ ପରିବାରର କଳ୍ପନା ଅସମ୍ଭବ । ଛାଡ଼ପତ୍ର ବୃଦ୍ଧିପାଉଥିବା ଯୋଗୁଁ ସମାଜରେ ଏକାକୀତ୍ୱ ବୃଦ୍ଧି ପାଇଚାଲିଛି । ଫଳରେ ମଣିଷର ଚେତନ ଶକ୍ତିର ଯଥେଷ୍ଟ କ୍ଷତି ଘଟୁଛି । ଏ ସଂସାରକୁ ଈଶ୍ୱର ସୁନ୍ଦର କରି ଗଢ଼ିଛନ୍ତି । ଥରେ ଚିନ୍ତା କରନ୍ତୁ, କଠିନ ପରିଶ୍ରମ କରି ଆପଣ ଘରକୁ ଫେରୁଛନ୍ତି । ଘରେ ଆପଣଙ୍କ ପ୍ରାଣପ୍ରିୟ ସ୍ତ୍ରୀ, ଆପଣଙ୍କ ପିଲାମାନେ, ଶୁଭ ମନାସୁଥିବା ପିତାମାତା, ସ୍ନେହ ମମତାର ମୂର୍ତି ସାନଭାଇ ଭଉଣୀମାନେ ଆପଣଙ୍କ ବାଟ ଚାହିଁ ବସିଛନ୍ତି । ପରିବାର ଏ ମୋହମୟ ପରିବେଶ, ଆପଣଙ୍କ କଠିନ ପରିଶ୍ରମ, ଆର୍ଥିକ ସମସ୍ୟା, ସାମାଜିକ ଚେତନାକୁ ଦୂରେଇଦେବା ପାଇଁ ଯଥେଷ୍ଟ । ଆପଣଙ୍କୁ କାର୍ଯ୍ୟକ୍ଷମ ରଖିବା ପାଇଁ ଏକ ଟନିକ୍ ଭଳି କାମ କରିବ । କିନ୍ତୁ ଆପଣ ଘରକୁ ଫେରିଛନ୍ତି, ଘରେ କେହି ନାହିଁ, ସ୍ତ୍ରୀ ଚାକିରିରୁ ଫେରିନାହାନ୍ତି, ଅନ୍ୟ ଘରେ ପୁଅ ଝିଅ ମୋବାଇଲ ନେଇ ବ୍ୟସ୍ତ, ଡାକିଲେ ଶୁଣୁନାହାନ୍ତି । ଯେଉଁ କାମବାଲୀ ଚା' କରିଦିଏ, ସେ ତା'ର ଅସୁବିଧା ଯୋଗୁଁ ଆସିନାହିଁ । ଆପଣ ଶ୍ରାନ୍ତ ହୋଇ ଚେୟାରରେ ବସି ଭାବୁଛନ୍ତି, ଆପଣାକୁ ଉଠିବାକୁ ପଡ଼ିବ ନିଜେ ଚା' କରିବା ପାଇଁ । ଆଜି ବଡ଼ବାବୁ, ଅଫିସରଙ୍କ ସହ ମତଭେଦ ଘଟିଛି, କାହା ପାଖରେ କହିବେ ? ସ୍ତ୍ରୀ ତ ତାଙ୍କ ଅଫିସ୍‌ର ଅବ୍ୟବସ୍ଥା ପାଇଁ ନିଜେ ଟେନ୍‌ସନ୍‌ରେ ରହିଛନ୍ତି । ହଁ, ମାସ ଶେଷବେଳକୁ ଦୁହେଁ ମିଶି ଯେଉଁ ଦେଢ଼ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ସେତକ ଆପଣଙ୍କ ଶାନ୍ତିର ଉତ୍ସ । କିନ୍ତୁ ପିଲାମାନଙ୍କ ପଢ଼ାଖର୍ଚ୍ଚ ଆପଣଙ୍କୁ ବଳେଇଲାଣି । ନିଜର ଡାଇବେଟିସ ଓ ସ୍ତ୍ରୀଙ୍କ ବ୍ଲଡପ୍ରେସର ପାଇଁ ଡାକ୍ତରୀ ଖର୍ଚ୍ଚ ତୁଲାଇବା ପାଇଁ ଏତିକି ଟଙ୍କା ଯଥେଷ୍ଟ ହେଉନାହିଁ । କାହା ପାଖରେ ଏ ଦୁଃଖ କଥା କହିବେ । ବାପା, ମାଆ ତ ଗାଁରେ । ବାପା ମାଆଙ୍କ କଥା ନମାନି ଧରାଧରି କରି ଭୁବନେଶ୍ୱରରେ ରହିବା ପାଇଁ ଘର ଛାଡ଼ିଲେ । ଘରୁ ଅଳ୍ପ ଦୂରରେ ଥିବା ଛୋଟ ସହରରେ କାମ କରୁଥିଲେ ସବୁ ସୁବିଧା ମିଳିଥାନ୍ତା । କିନ୍ତୁ ଘର ଦାୟିତ୍ୱ ନେବାପାଇଁ ସ୍ତ୍ରୀ ରାଜି ହେଲେନାହିଁ, କି ହାଇଦ୍ରାବାଦ, ବାଙ୍ଗାଲୋରରେ ଥିବା ଦୁଇଭାଇ ମଧ୍ୟ କୌଣସି ଦାୟିତ୍ୱ ନେଲେନାହିଁ । ଅଥଚ ସେହି ଦୁଇଭାଇ ଆପଣଙ୍କ ଟଙ୍କାରେ ମଣିଷ ହୋଇଛନ୍ତି । କ'ଣ ଆପଣ କରିବେ ? ଆଜିର ସମାଜ ତ ଏ ସମସ୍ୟାର ସମାଧାନ ବାହାର କରିପାରୁନାହିଁ । ଭକ୍ତକବିଙ୍କ 'ବୈକୁଣ୍ଠ ସମାନ ଘର' ଉପଦେଶ ଆଜି ପୁରୁଣା କାଳିଆ ହେଇଗଲାଣି । ସବୁ ପୁରୁଣା ଜିନିଷରେ କଳଙ୍କି ପରେ ଘୁଣ ଲାଗେ, ଉଇବସା ହୁଏ, ମରାମତି ଅଭାବରୁ ନଷ୍ଟ ହୁଏ । ଘର ସଂସାରର ସଂଜ୍ଞା ବର୍ତ୍ତମାନ ଦୁଇ ମହଲା, ତିନି ମହଲା, ଚାରି ମହଲା କୋଠା କରିବା ପାଇଁ ଲୋକ ଥାଆନ୍ତୁ ନଥାଆନ୍ତୁକ୍ସ ଥିଲାବାଲା ଲୋକ ଏବେ ଆଉ ଘରଭଡ଼ା ଦେଉନାହାଁନ୍ତି । ପୁଅ ଝିଅ ତ ବାହାରେ, ଭଡ଼ାବାଲାଙ୍କ ଝମେଲା କିଏ ସହିବ ? ଟଙ୍କାର ଅଭାବ ନାହିଁ, ଖର୍ଚ୍ଚ କରିବାକୁ ଲୋକ ନାହାଁନ୍ତି । କିନ୍ତୁ ବୟେରୁ ବଡ଼ ବୋହୂ ହଠାତ୍ ଫୋନ୍ କଲା- ବାପା, ଆପଣଙ୍କ ନାତି ତା'ର କ୍ରିକେଟ ସାଙ୍ଗମାନଙ୍କ ସହିତ ପଡ଼ି ଏବେ ଡ୍ରଗ୍ ଏଡିକ୍ଟେଡ୍ । ପଢ଼ାପଢ଼ି ବନ୍ଦ । ଆପଣଙ୍କ ପୁଅ କହୁଛନ୍ତି, ତାକୁ ଆପଣଙ୍କ ପାଖକୁ ପଠାଇଦେଲେ ତା'ର ପରିବର୍ତ୍ତନ ଆସିବ । ସାଙ୍ଗଛଡ଼ା ହେଲେ ବାଟକୁ ଆସିବ । ଆପଣ ରାଜିହେଲେ ତା' ବାପା ତାକୁ ନେଇ ଭୁବନେଶ୍ୱରରେ ଛାଡ଼ି ଆସିବେ । ପାଖରେ ସ୍ତ୍ରୀ ବସିଥିଲେ । ବୋହୂ କଥା ତାଙ୍କୁ ପରିଷ୍କାର ଶୁଣାଯାଉଥିଲା । ବୋହୂ ଫୋନ୍ ବନ୍ଦ କଲା । ବୁଢ଼ାବାବୁ ସ୍ତ୍ରୀଙ୍କ ଆଡ଼କୁ ଅନାଇଲେ । ଖାଲିଘର ଏବେ ପୂରି ଉଠିବ । ଦୁହିଁଙ୍କ ପାଟିରୁ କଥା ବାହାରିଲା ନାହିଁ- ସଂସାରକୁ ସେମାନେ ଛାଡ଼ିଥିଲେ, କିନ୍ତୁ ସଂସାର ତାଙ୍କୁ ଛାଡ଼ିଲା ନାହିଁ, ଦୁହିଁଙ୍କ ମନକଥା ଦୁହେଁ ପଢ଼ି ପାରିଥିଲେ । ଏ ବୟସରେ ସଂସାରର ଦାୟିତ୍ୱ ନେବାକୁ ପଡ଼ିବ, ପୁଣି ଡ୍ରଗ ଏଡିକ୍ଟେଡ୍ ନାତିର ! ଏହାର ନାଁ ହେଲା 'ଘର ସଂସାର' ।

ଭାଷାବିଦ୍ୟାରେ କ୍ୱାଂଟମ ପଦାର୍ଥ ବିଜ୍ଞାନର ନୀତି

ବହୁଭାଷୀ ଦେଶ ଭାରତରେ ଭାଷାକୁ ନେଇ ସବୁବେଳେ ଚର୍ଚ୍ଚା ହୋଇଥାଏ । ବିଦ୍ୟାଳୟରେ ତ୍ରିଭାଷୀ ଶିକ୍ଷା ହେଉ ବା ମାତୃଭାଷାରେ ଉଚ୍ଚଶିକ୍ଷା ହେଉ, ଏସବୁକୁ ନେଇ ସବୁବେଳେ ଆଲୋଚନା କରାଯାଉଛି । ପୁଣି ଭାଷାବିତ୍ମାନେ ଭାଷାର ପ୍ରାଚୀନତା, ଶାସ୍ତ୍ରୀୟତା ଉପରେ ଅଧ୍ୟୟନ ଓ ଗବେଷଣା କରୁଛନ୍ତି । ଭାଷାଭିତ୍ତିରେ ଗଠିତ ରାଜ୍ୟ ଓଡ଼ିଶାରେ ଉତ୍କଳ ଦିବସ ବା ଓଡ଼ିଶା ଦିବସରେ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ଅତୀତରେ କରାଯାଇଥିବା ଆନ୍ଦୋଳନ, ବରପୁତ୍ରମାନଙ୍କର ଅବଦାନ ଉପରେ ଆଲୋକପାତ କରାଯାଏ । ଭାଷାକୁ ନେଇ ସମସ୍ତେ ଆବେଗପ୍ରବଣ । ତେଣୁ ଏହା ଉପରେ ବହୁ ସମୟରେ ତର୍କ-ବିତର୍କ ମଧ୍ୟ ହୋଇଥାଏ । ତେବେ ଆଜି ଆମର ଆଲୋଚନାରେ ଭାଷାର ଏସବୁ ଦିଗକୁ ନେଇ କୌଣସି ଚର୍ଚ୍ଚା କରାଯିବନାହିଁ । ଏହି ଲେଖାର ବିଷୟବସ୍ତୁ ସମ୍ପୂର୍ଣ୍ଣ ଭିନ୍ନ । 'ଅନିଶ୍ଚୟତା, ସମ୍ଭାବନା' ଓ 'ଏକାଧିକ ଅବସ୍ଥାର ସହାବସ୍ଥାନ'- କ୍ୱାଂଟମ ପଦାର୍ଥବିଜ୍ଞାନର ଏମିତି କିଛି ମୌଳିକ ଧାରଣାକୁ ଭାଷାତନ୍ତ୍ୱରେ ବ୍ୟବହାର କରାଯାଇ ଭାଷାର ଅର୍ଥ ଓ ମାନବ ଚିନ୍ତାର ଜଟିଳତାକୁ ବର୍ତ୍ତମାନ ବୁଝିବାର ପ୍ରୟାସ କରାଯାଉଛି । ଅର୍ଥାତ୍ କ୍ୱାଂଟମ ପଦାର୍ଥବିଜ୍ଞାନ ଓ ଭାଷାତନ୍ତ୍ୱର ଧାରଣାର ଅଭିନବ ସମନ୍ୱୟରେ ଏବେ ଏକ ନୂଆ ଉଦୀୟମାନ ବିଷୟକୁ ନେଇ ଗବେଷଣା ଆରମ୍ଭ ହୋଇଛି, ଯାହା 'କ୍ୱାଂଟମ ଭାଷାତତ୍ତ୍ୱ' ନାମରେ ପରିଚିତ । ମାନବର ଚିନ୍ତା ଭାବନା ଓ ଜ୍ଞାନ ପ୍ରକାଶର ପ୍ରମୁଖ ମାଧ୍ୟମ ଭାଷା । ଭାଷାର ଅର୍ଥ କ'ଣ ସବୁବେଳେ ସମାନ ଗୋଟିଏ ଶବ୍ଦ କିମ୍ବା ବାକ୍ୟ କ'ଣ ବିଭିନ୍ନ ପ୍ରସଙ୍ଗରେ ଭିନ୍ନ ପରିସ୍ଥିତିରେ ଭିନ୍ନ ଅର୍ଥ ବ୍ୟକ୍ତ କରେନାହିଁ ? ଏହିସବୁ ପ୍ରଶ୍ନର ଉତର 'କ୍ୱାଂଟମ ଭାଷାତତ୍ତ୍ୱ'ରେ ଅନୁସନ୍ଧାନ କରାଯାଇଥାଏ । ଭାଷା ସବୁବେଳେ ସରଳ ଓ ସିଧା ନୁହେଁ । ଆମେ ଯାହା କହିବାକୁ ଚାହୁଁ, ତାହା ଯେମିତି ସିଧାସଳଖ ପ୍ରକାଶ କରୁନା, ସେମିତି ଭାଷା ବହୁ ଅର୍ଥର ସମ୍ଭାବନାରେ ପୂର୍ଣ୍ଣ । 'ମୁଁ ଭଲ ଅଛି' ଗୋଟିଏ ସରଳ ବାକ୍ୟ । ଏହି ବାକ୍ୟ କ'ଣ କେବଳ ତା'ର ବସ୍ତୁନିଷ୍ଠ ଅର୍ଥ ହିଁ ବହନ କରେ ନା, ଏହା ବହୁବିଧ ଭାବ ପ୍ରକାଶ କରିପାରେ । ଯେମିତି ଆଶ୍ୱସ୍ତିକରଣ, କଷ୍ଟ ଲୁଚେଇବା କିମ୍ବା ଏଡ଼ାଇଯିବାର ଇଙ୍ଗିତ ଦେଇଥାଇପାରେ । ସବୁକିଛି ନିର୍ଭର କରେ କିଏ ଶୁଣୁଛି, କେଉଁ ପ୍ରସଙ୍ଗରେ କୁହାହେଉଛି, କହିବାର ସ୍ୱର ବା ଟୋନ୍ କେମିତି ତାହା ଉପରେ । ଠିକ୍ ଯେମିତି 'କ୍ୱାଂଟମ ପଦାର୍ଥବିଜ୍ଞାନ'ରେ ପରିମାପ ନକରିବାଯାଏଁ ଗୋଟିଏ କଣିକାର ନିଖୁଣ ଅବସ୍ଥାନ ନିର୍ଦ୍ଧାରଣ କରିହୁଏନାହିଁ, ସେମିତି ଭାଷାର ଅର୍ଥ ମଧ୍ୟ ଥାଏ 'ସୁପାରପଜିସନ' ଅବସ୍ଥାରେ । ଭାଷା କେବଳ ବିଶ୍ଳେଷଣର ବିଷୟ ନୁହେଁ, ଏହାର ମଡେଲ କରାଯାଏ, ପରୀକ୍ଷଣ କରାଯାଏ, ପର୍ଯ୍ୟବେକ୍ଷଣ କରାଯାଏ । 'କ୍ୱାଂଟମ ଭାଷାତତ୍ତ୍ୱ'ରେ ବିଜ୍ଞାନ, ଗଣିତ ଓ କମ୍ପ୍ୟୁଟେସନ ସାହାଯ୍ୟରେ ଶବ୍ଦ କିପରି ବିଭିନ୍ନ ଅର୍ଥ ବହନ କରିଥାଏ ଓ ପ୍ରେକ୍ଷିତ କେମିତି ଶବ୍ଦ ବା ବାକ୍ୟର ଅର୍ଥକୁ ସୁନିର୍ଦ୍ଦିଷ୍ଟ କରେ, ସେ ବିଷୟରେ ଗବେଷଣା ହୋଇଥାଏ । ବିଜ୍ଞାନଜଗତରେ ସବୁଠୁ ରହସ୍ୟମୟ ପ୍ରାଣୀ ବୋଧହୁଏ 'ଶ୍ରୋଡିଙ୍ଗରଙ୍କ ବିଲେଇ' । ୧୯୩୫ରେ ଅଷ୍ଟ୍ରିଆନ ପଦାର୍ଥବିଜ୍ଞାନୀ ଆରୱଇନ ଶ୍ରୋଡିଙ୍ଗର ଗୋଟିଏ କାଳ୍ପନିକ ପରୀକ୍ଷଣର କଥା କହିଥିଲେ, ଏଥିରେ ଗୋଟିଏ ଆବଦ୍ଧ ବାକ୍ସ ଭିତରେ ବନ୍ଦୀ ଥିବା ବିଲେଇଟି ଏକାଠି ଜୀବିତ ଓ ମୃତ ଅବସ୍ଥାରେ ରହିପାରେ । ବାକ୍ସଟି ଖୋଲା ନହେବାଯାଏଁ ବିଲେଇଟି ଏହି ଦୁଇ ବିପରୀତ ଅବସ୍ଥାର ଏକ ସହାବସ୍ଥାନ ବା ସୁପାରପଜିସନ ଅବସ୍ଥାରେ ଥାଏ । ଦୃଶ୍ୟ ଜଗତରେ ଏହା ଅସମ୍ଭବ ମନେହୁଏ, ମାତ୍ର ପାରମାଣବିକ କଣିକା ବା କ୍ୱାଂଟମ ଜଗତରେ ଏହାହିଁ ଚରମ ସତ୍ୟ । ଏବେ ପ୍ରଶ୍ନ ହେଲା, ବିଜ୍ଞାନର ଏହି ଜଟିଳ କୁହୁକ କ'ଣ କେବଳ ପଦାର୍ଥବିଜ୍ଞାନର ପରୀକ୍ଷାଗାରରେ ବା ସମୀକରଣରେ ସୀମାବଦ୍ଧ ଏହାର ଉତ୍ତର ନା । ଏହି ଲେଖାଟି ପଢ଼ିବାବେଳେ ପାଠକଙ୍କ ମନରେ ମଧ୍ୟ ଶବ୍ଦର ଅର୍ଥଗୁଡ଼ିକ ଠିକ୍ 'ଶ୍ରୋଡିଙ୍ଗରଙ୍କ ବିଲେଇ' ପରି ଆଚରଣ କରୁଛି । ଆଉ ଏହିଭଳି ଭାବେ ଉଦ୍ଭବ ହୋଇଛି 'କ୍ୱାଂଟମ ଭାଷାତତ୍ତ୍ୱ' । ଭାଷା କ'ଣ ଏକ କ୍ୱାଂଟମ ସିଷ୍ଟେମ କ୍ୱାଂଟମ ଭାଷାତତ୍ତ୍ୱରେ ଶବ୍ଦ ଓ ବାକ୍ୟଗୁଡ଼ିକ 'କ୍ୱାଂଟମ କଣିକା' ଭଳି ଆଚରଣ କରିଥାଏ । ଏହା ଏକାଧିକ ସମ୍ଭାବ୍ୟ ଅବସ୍ଥାରେ ବିଦ୍ୟମାନ ଥାଏ ଯେଯାଏଁ କୌଣସି ସଚେତନ ଶ୍ରୋତା (ପର୍ଯ୍ୟବେକ୍ଷକ) ଏହା ଶୁଣନ୍ତି (ପରିମାପ କରନ୍ତି) । ଯେମିତି ଇଂରାଜୀ 'ରାନ' ଶବ୍ଦ ଶାରୀରିକ ଗତିଶୀଳତା (ଦୌଡ଼ିବା) ବା କମ୍ପାନି ପରିଚାଳନା (ଚଳାଇବା) ଅର୍ଥ ବହନ କରିପାରେ । ଏ ଦୁଇଟିଯାକ ଅର୍ଥ ସମ୍ଭାବ୍ୟ, ତେବେ ପ୍ରେକ୍ଷିତ ବା ପ୍ରସଙ୍ଗ ଭିତ୍ତିରେ ଏହାର ଅର୍ଥ ନିର୍ଦ୍ଦିଷ୍ଟ ହୁଏ (ବିଜ୍ଞାନ ଭାଷାରେ ଏକ ନିର୍ଦ୍ଦିଷ୍ଟ ଅର୍ଥରେ କଲାପ୍ସ କରେ) । ବାକ୍ୟର ଗଠନ ମଧ୍ୟ ସ୍ଥିର ନୁହେଁ । ଯେମିତି ଓଡ଼ିଆରେ ବାକ୍ୟଟିଏ ହୋଇପାରେ 'ମୁଁ ଭାତ ଖାଏ'(କର୍ତା-କର୍ମ-କ୍ରିୟା) ବା 'ଭାତ ମୁଁ ଖାଏ'(କର୍ମ କର୍ତା-କ୍ରିୟା) । ଦୁଇଟିଯାକ ରୂପ ଏକାଠି ସମ୍ଭାବ୍ୟ ଅବସ୍ଥାରେ ଥାଏ ଓ ପ୍ରେକ୍ଷାପଟ ନିର୍ଦ୍ଧାରଣ କରିଥାଏ କେଉଁଟି ଧସେଇଯିବ। ସିନଟାକ୍ସ (ଶବ୍ଦ ବିନ୍ୟାସ) ଜଟିଳଭାବେ ସଂଯୁକ୍ତ– ଗୋଟିଏ ଶବ୍ଦର ଅର୍ଥ ପରିବର୍ତନ ଅନ୍ୟ ଶବ୍ଦର ଅର୍ଥକୁ ପ୍ରଭାବିତ କରିପାରେ, ଠିକ୍ ଯେମିତି କ୍ୱାଂଟମ ଜଗତରେ ଦୁଇଟି କଣିକା ଗୋଟିଏ ଅପରଟିକୁ ପ୍ରଭାବିତ କରିଥାଏ । ତେଣୁ ଭାଷା କ'ଣ କେବଳ ନିୟମ ଓ ଗଠନ(ସଂରଚନା) ଭିତରେ ସୀମାବଦ୍ଧ ? ଏହାର ଉତର- ନା । 'କୃଷ୍ଣଗହ୍ୱର' (ବ୍ଲାକହୋଲ) ଆଲୋକକୁ ଆକର୍ଷଣ କରେନାହିଁ । ଏହା ତା'ର ଚାରିପାଖର ସ୍ଥାନ- କାଳକୁ ଏପରି ବକ୍ର କରିଦିଏ ଯେ ଆଲୋକ ସେହି ବଙ୍କା ପଥରେ ଚାଲେ ଆଉ ବାହାରକୁ ଫେରିପାରେ ନାହିଁ। ସେହିପରି ଭାଷା ଓ ଅର୍ଥ କୌଣସି ସ୍ଥିର ପଥ ଅନୁସରଣ କରେନାହିଁ । ଯେତେବେଳେ ଏକ ବାକ୍ୟ ଉଚ୍ଚାରିତ ହୁଏ, ତା'ର ଅର୍ଥ ସେହି ପ୍ରସଙ୍ଗ ଓ ଶ୍ରୋତାର ମାନସିକତା ସହିତ ମିଶି କଲାପ୍ସ କରେ । ପାଠକ ବା ଶ୍ରୋତାର ଜ୍ଞାନ, ଅଭିଜ୍ଞତା ଓ ପରିସ୍ଥିତି ଅର୍ଥକୁ ନିର୍ଦ୍ଦିଷ୍ଟ କରେ । ଆଉ ଗୋଟିଏ ଇଂରାଜୀ ଶବ୍ଦ 'ବାଟ୍' ବିଚାର କରାଯାଉ । ଏହା ହୋଇପାରେ ଏକ ସ୍ତନ୍ୟପାୟୀ ପ୍ରାଣୀ ବାଦୁଡ଼ି ବା ଖେଳର ସରଞ୍ଜାମ ବ୍ୟାଟ୍ । ଶବ୍ଦଟି ଏକସଙ୍ଗେ ଏକାଧିକ ଅର୍ଥ ବହନ କରିଥାଏ ଓ ପ୍ରତ୍ୟେକ ସମ୍ଭାବ୍ୟ ଅର୍ଥର ସମ୍ଭାବନା (ପ୍ରବାବିଲିଟି) ଭିନ୍ନ । ଶ୍ରୋତା ଯେତେବେଳେ ବାକ୍ୟଟି ଶୁଣେ, ସେତେବେଳେ ତା'ର ମସ୍ତିଷ୍କ ସେହି ଅର୍ଥର ସମ୍ଭାବନା ଭିତରୁ ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥକୁ କଲାପ୍ସ କରେ । ଯେମିତି ମୁଁ ବ୍ୟାଟ ନେଇ ଖେଳିବାକୁ ଯାଉଛି । ଏଠାରେ ସ୍ପଷ୍ଟଭାବେ ବୁଝାଗଲା ବ୍ୟାଟ ହେଉଛି ଖେଳର ସରଞ୍ଜାମ । ଆଉ ଯଦି କୁହାଯାଏ ରାତି ଆକାଶରେ ବ୍ୟାଟ ଉଡ଼ୁଛି, ସେତେବେଳେ ଅର୍ଥ ହୁଏ ସମ୍ପୂର୍ଣ୍ଣ ଭିନ୍ନ । ଏହି ଦୃଷ୍ଟାନ୍ତ ଦର୍ଶାଏ ଯେ, ଭାଷା ହେଉଛି ପର୍ଯ୍ୟବେକ୍ଷକ ନିର୍ଭର । ଅର୍ଥ ନିର୍ଭର କରିଥାଏ କିଏ ଶୁଣୁଛି ଓ କେଉଁ ପ୍ରସଙ୍ଗରେ କୁହାଯାଉଛି ତାହା ଉପରେ । ଗୋଟିଏ ବାକ୍ୟ ଭିନ୍ନ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ଭିନ୍ନ ଅର୍ଥ ବହନ କରିପାରେ । କ୍ୱାଂଟମ ଜଗତର ଆଉ ଏକ ଅଦ୍ଭୁତ ବୈଶିଷ୍ଟ୍ୟ ହେଲା 'ଏନଟାଙ୍ଗେଲମେଂଟ', ଯାହାକୁ କୁହାଯାଇପାରେ 'କ୍ୱାଂଟମ ଆସକ୍ତି' । ଦୁଇଟି କଣିକା ଯଦି ଏନଟାଙ୍ଗେଲଡ ହୁଏ, ତେବେ ଗୋଟିଏର ଅବସ୍ଥାର ପରିବର୍ତନ କଲେ ମୁହୂର୍ତ ମଧ୍ୟରେ ଅନ୍ୟଟିର ଅବସ୍ଥାର ପରିବର୍ତନ ହୁଏ, ସେଗୁଡ଼ିକ ଯେତେ ଦୂରରେ ଥାଉ ନା କାହିଁକି । ଆଇନଷ୍ଟାଇନ ଏହାକୁ କହିଥିଲେ 'ଅଦ୍ଭୁତ ଦୂର ସଂଯୋଗ କ୍ରିୟା' । ଭାଷାର ବ୍ୟାକରଣରେ କ'ଣ ଏପରି ଘଟିଥାଏ ? ଏକ ଦୃଷ୍ଟାନ୍ତ ନିଆଯାଉ । 'ମୁଁ ବହି ପଢୁଛି' ଓ 'ତୁମେ ବହି ପଢୁଛ' । ଏଠାରେ 'ମୁଁ' ରୁ ଯେଉଁ ମୁହୂର୍ତରେ 'ତୁମେ'ରେ ପରିବର୍ତନ କରାଗଲା, ବାକ୍ୟ ଶେଷର ପଢୁଛି କ୍ରିୟାଟିର ରୂପ ମଧ୍ୟ ବଦଳିଗଲା । ଏଠାରେ କର୍ତା ଓ କ୍ରିୟା ଯେମିତି ଅଦୃଶ୍ୟ ସୂତାରେ ବନ୍ଧା ବା ଏନଟାଙ୍ଗେଲଡ । ଗୋଟିକର ପରିବର୍ତନ ହେଲେ ଅନ୍ୟଟିର ଅନିବାର୍ଯ୍ୟ ରୂପାନ୍ତର ହେଉଛି । ଏହା ବୁଝାଏ ଯେ, ଭାଷାର ଅଂଶଗୁଡ଼ିକ ସ୍ୱାଧୀନ ନୁହେଁ । ଏହା କେବଳ ବାକ୍ୟତନ୍ତ୍ୱରେ ସୀମିତ ନୁହେଁ, ଅର୍ଥତତ୍ତ୍ୱରେ ମଧ୍ୟ ସମାନ ଭାବେ ପ୍ରଯୁଜ୍ୟ । ଯେମିତି 'ମୁଁ ଭଲ ଅଛି' କଥାଟିର ଟୋନ, ପ୍ରସଙ୍ଗ ଓ ଶବ୍ଦ ଉପରେ ଭିତିକରି ଏହାର ଅର୍ଥ ଯେକୌଣସି ମୁହୂର୍ତରେ ପରିବର୍ତିତ ହୋଇପାରେ । 'ହାଇଜେନବର୍ଗଙ୍କ ଅନିଶ୍ଚୟତା ନୀତି' ଅନୁସାରେ, ଯେକୌଣସି କଣିକାର 'ଅବସ୍ଥିତି' ଓ 'ସମ୍ବେଗ' ଏକସଙ୍ଗେ ନିଖୁଣଭାବେ ଜାଣିବା ସମ୍ଭବ ନୁହେଁ । ଭାଷାତନ୍ତ୍ୱରେ କ'ଣ ଏପରି କୌଣସି ବାଧକ ଅଛି ? ଗବେଷକମାନେ କହୁଛନ୍ତି ଅଛି । ଶବ୍ଦର ଅର୍ଥ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିଥାଏ ଏକଧରଣର 'ଅନିଶ୍ଚୟତା ନୀତି' । ଗୋଟିଏ ଶବ୍ଦର ଆକ୍ଷରିକ ଅର୍ଥ ଯେତେ ନିଖୁଣ ଭାବେ ସଂଜ୍ଞାୟିତ କରାଯିବ, ତା' ଭିତରର ରୂପକ ଆବହ ସେଇ ମାତ୍ରାରେ ଫିକା ହେବ । କବି ଯେବେ କବିତା ଲେଖନ୍ତି ସେମାନେ ଶବ୍ଦ ଅର୍ଥର ଏହି ନମନୀୟତା ବା ଅନିଶ୍ଚୟତାକୁ ବ୍ୟବହାର କରନ୍ତି । ଗୋଟିଏ ବିଦ୍ରୂପାତ୍ମକ ବାକ୍ୟର ଅର୍ଥ ଅଭିଧାନ ଦେଇ ନିଖୁଣଭାବେ ବୁଝି ହୁଏନାହିଁ । କାରଣ ସେଠି ଅର୍ଥ ଓ ଭାବାବେଗ ଗୋଟିଏ ଅନ୍ୟଟିର ପରିପୂରକ ଭାବେ ଅନିଶ୍ଚୟତାର ମେଘ ତିଆରି କରିଥାଏ । ଅର୍ଥାତ୍, ଶବ୍ଦର ଅର୍ଥକୁ ପୂରାପୂରି ନିର୍ଦ୍ଦିଷ୍ଟ କରିବାକୁ ଚାହିଁଲେ, ତା'ର ଇମୋଶନ ବା ପ୍ରସଙ୍ଗର ସୂକ୍ଷ୍ମତା ହଜିଯାଏ । ଆଉ ଫ୍ଲେକ୍ସିବିଲିଟି ରଖିବାକୁ ଚାହିଁଲେ ନିର୍ଦ୍ଦିଷ୍ଟ ଅର୍ଥ କିଛିମାତ୍ରାରେ ଅସ୍ପଷ୍ଟ ହୋଇପଡ଼େ । 'କୃଷ୍ଣଗହ୍ୱର' ଗବେଷଣାରୁ ଯେପରି ଜଣାପଡ଼ିଛି ଯେ ମାଧ୍ୟାକର୍ଷଣ କେବଳ ଟାଣେନାହିଁ, ବରଂ ବକ୍ରପଥ ତିଆରି କରେ, ସେମିତି କ୍ୱାଂଟମ ଭାଷାତତ୍ତ୍ୱ ଶିଖାଏ ଯେ ଭାଷା କେବଳ ବୁଝାଏନାହିଁ, ବରଂ ପ୍ରସଙ୍ଗ, ପର୍ଯ୍ୟବେକ୍ଷକ ଓ ସମ୍ଭାବନାର ଭିତର ଦେଇ ଅର୍ଥକୁ ରୂପାୟିତ କରେ । ବାକ୍ୟ, ଶବ୍ଦ ଓ ଅର୍ଥ ସବୁକିଛି ଏକ ସମ୍ଭାବନାର କ୍ଷେତ୍ର । ଭାଷା କେବଳ ଶବ୍ଦର ସମାହାର ନୁହେଁ, ଏହା ଏକ ଚଳମାନ ସମ୍ଭାବନାର ଜଗତ, ଯେଉଁଠି ପ୍ରେକ୍ଷାପଟ, ନିରବତା, ଉଦ୍ଦେଶ୍ୟ ଓ ବ୍ୟାଖ୍ୟାର ପାରସ୍ପରିକ ସଂଘାତରେ ଅର୍ଥ ଜନ୍ମ ନିଏ । ପ୍ରଚଳିତ ଭାଷାତନ୍ତ୍ୱ ଭାଷାକୁ ପ୍ରାୟ ସ୍ଥିର ଗଠନ ଓ ନିର୍ଦ୍ଦିଷ୍ଟ ଅର୍ଥ ଭିତରେ ଆବଦ୍ଧ କରିଥାଏ । କିନ୍ତୁ ବାସ୍ତବରେ ଆମେ ଦେଖୁ, ଗୋଟିଏ ବାକ୍ୟ ଏକସଙ୍ଗେ ଏକାଧିକ ଅର୍ଥ ବହନ କରିପାରେ ଓ ସେହି ଅନ୍ତିମ ଅର୍ଥ ନିର୍ଦ୍ଧାରିତ ହୁଏ ଶ୍ରୋତାର ଶୁଣିବା ମୁହୂର୍ତରେ । ଭାଷାର ଏହି ଅନିଶ୍ଚୟତା, ବହୁସ୍ତର ଓ ପର୍ଯ୍ୟବେକ୍ଷଣ-ନିର୍ଭର ପ୍ରକୃତି ବ୍ୟାଖ୍ୟାର ପ୍ରୟାସ କ୍ୱାଂଟମ ଭାଷାବିଦ୍ୟାରେ କରାଯାଏ । ଭାଷା କେବଳ ନିୟମର ସମାହାର ନୁହେଁ, ଏହା ଏକ ସଚଳ, ପରିବର୍ତନଶୀଳ ଓ ପ୍ରେକ୍ଷିତନିର୍ଭର ବ୍ୟବସ୍ଥା । ବର୍ତମାନ 'କୃତ୍ରିମ ବୁଦ୍ଧି' (ଏ.ଆଇ.) ଓ 'ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ' (ନେଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ)ରେ ଅସ୍ପଷ୍ଟ ବାକ୍ୟ ବୁଝିବା, ପ୍ରସଙ୍ଗଭିତ୍ତିକ ଉତ୍ତର ଦେବା ଓ ଉନ୍ନତ ଅନୁବାଦ ବ୍ୟବସ୍ଥା ତିଆରି କରିବା ଦିଗରେ ଏହି କ୍ୱାଂଟମ ଧାରଣା ବ୍ୟବହାର କରାଯାଉଛି । 'ତଥ୍ୟ ଅନୁସନ୍ଧାନ' (ସାର୍ଚ ଇଞ୍ଜିନ)ରେ ଏହା ସାହାଯ୍ୟରେ କେବଳ ଶବ୍ଦର ଅର୍ଥ ନୁହେଁ, ବରଂ ବ୍ୟବହାର କରୁଥିବା ବ୍ୟକ୍ତିର ଅଭିପ୍ରାୟ ବୁଝି ତଥ୍ୟ ପ୍ରଦାନ କରିବା ସମ୍ଭବ ହେଉଛି । ତେବେ ଏଯାଏଁ ପୂର୍ଣ୍ଣ ବୈଜ୍ଞାନିକ ତନ୍ତ୍ୱ ରୂପେ କ୍ୱାଂଟମ ଭାଷାତତ୍ତ୍ୱ ପ୍ରତିଷ୍ଠିତ ନୁହେଁ । ବାସ୍ତବ କ୍ୱାଂଟମ ନିୟମ ସିଧାସଳଖ ଭାଷାରେ ପ୍ରଯୁଜ୍ୟ କି ନୁହେଁ ସେ ନେଇ ବିତର୍କ ରହିଛି । ଶେଷରେ କହିରଖେ ଭାଷାତତ୍ତ୍ୱ ମୁଁ ଜାଣେନାହିଁ, ପଦାର୍ଥବିଜ୍ଞାନ ମୋର ବିଷୟ । ବିଭିନ୍ନ ୱେବସାଇଟରେ ଉପଲବ୍ଧ 'କ୍ୱାଂଟମ ଲିଙ୍ଗୁଷ୍ଟିକ' ଉପରେ ପ୍ରକାଶିତ ଆଲୋଚନାକୁ ନେଇ ଏହା ଲେଖାଯାଇଛି

ନିର୍ବାଚନ ନିଶା ଓ ଧରତୀ ପକଡ଼

ଭାରତକୁ ପୃଥିବୀର ବୃହତ୍ତମ ଗଣତନ୍ତ୍ର ବୋଲି କୁହାଯାଏ । କାରଣ ଏଠି କେବଳ ମତଦାତାଙ୍କ ସଂଖ୍ୟା ପାଖାପାଖି ୧୦୦ କୋଟି। ଅର୍ଥାତ୍ ୟୁରୋପ, ଏସିଆ, ଆଫ୍ରିକା, ଆମେରିକା, ଅଷ୍ଟ୍ରେଲିଆ ଓ ଏସିଆରେ ଥିବା ଭୋଟର ବା ମତଦାତାଙ୍କ ସଂଖ୍ୟାଠାରୁ ଅଧିକ। ତେଣୁ ଆଲୋଚକମାନେ କହନ୍ତି ଯେ କେବଳ ବୃହତମ ଗଣତନ୍ତ୍ର କହି ଆତ୍ମସନ୍ତୋଷ ଲାଭ କରିବା ଯଥେଷ୍ଟ ନୁହେଁ। ପ୍ରକୃତ ଆହ୍ୱାନ ହେଉଛି କେମିତି ଦେଶକୁ କେବଳ ବୃହତ୍ତମ ନୁହେଁ, ସର୍ବୋତ୍ତମ ଗଣତନ୍ତ୍ର ଭାବରେ ଗଢ଼ି ତୋଳିବା। ଏଥିପାଇଁ ବିଶେଷଜ୍ଞମାନେ ଯେଉଁ ମାପକାଠି ତିଆରି କରିଛନ୍ତି ସେ ସବୁକୁ ଅଧ୍ୟୟନ ଓ ପ୍ରୟୋଗ କରିବାର ସମୟ ଉପସ୍ଥିତ। ଆମ ଦେଶରେ ପ୍ରାୟ ୩୦ ଭାଗରୁ ଅଧିକ ମତଦାତା ଭୋଟଦାନ କେନ୍ଦ୍ରକୁ ଆସନ୍ତି ନାହିଁ। ସେମାନଙ୍କୁ ଭୋଟଦାନ କେନ୍ଦ୍ରକୁ ଆଣିବା ପାଇଁ, ଏବେ କିଛି ବର୍ଷ ହେଲା ଭାରତ ନିର୍ବାଚନ ଆୟୋଗ ବିଭିନ୍ନ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ କମିସନ 'ଭୋଟର ଏଜୁକେସନ ଡିଭିଜନ' ଖୋଲିଛନ୍ତି ଏବଂ ସଚେତନ ଓ ତାଲିମ ବ୍ୟବସ୍ଥା କରାଯାଇଛି। ଏହାକୁ ଆଉ ବ୍ୟାପକ କରିବା ପାଇଁ ୭୦ରୁ ଅଧିକ ଦେଶ ସହ କମିସନର ବୁଝାମଣା ବା ଏମ୍‌ଓୟୁ ହୋଇସାରିଲାଣି। ନିର୍ବାଚନ ପରିଚାଳନାରେ ଭାରତକୁ କୁହାଯାଉଚି ଗ୍ଲୋବାଲ ଗୋଲ୍ଡ ଷ୍ଟାଣ୍ଡାର୍ଡ- ବିଶ୍ୱ ସ୍ୱର୍ଣ୍ଣ ମାନକ, ଯାହାକୁ ଅନ୍ୟ ଦେଶ ଅନୁସରଣ କରିଥାନ୍ତି। ପ୍ରତି ଥର, ଏହି ପ୍ରକ୍ରିୟାରୁ ଜନ୍ମ ନିଅନ୍ତି ଅନେକ ଚିତ୍ତାକର୍ଷକ ଚରିତ୍ର। ତା' ମଧ୍ୟରେ ଜଣେ ଥିଲେ କାକା ଯୋଗୀନ୍ଦର ସିଂହ। ଡାକ ନାଁ ହେଲା- ''ଧରତୀ ପକଡ଼''। ଛୋଟବଡ଼ ପ୍ରତ୍ୟେକ ନିର୍ବାଚନ ଲଢ଼ିବା ପାଇଁ ତାଙ୍କର ଥିଲା ନିଶା। ପଚାଂୟତ ନିର୍ବାଚନ ଠାରୁ ଆରମ୍ଭ କରି ରାଷ୍ଟ୍ରପତି ବା ପ୍ରେସିଡେଂଟ ଇଲେକ୍‌ସନ ପର୍ଯ୍ୟନ୍ତ। ଦେଶୀ ହିନ୍ଦୀ ଭାଷାରେ- ପୃଥିବୀର ନା ହେଲା ଧରତୀ ଓ 'ପକଡ଼' ମାନେ ମୁଠେଇ ବା ଧରି ରଖିବା। ହିନ୍ଦୀ ଭାଷାରେ- 'ଭୂଇଁ' କାମୁଡ଼ି ପଡ଼ି ରହିବା। ଏହାକୁ ବ୍ୟଙ୍ଗ ଭାବରେ ବ୍ୟବହାର କରାଯାଏ। କ୍ଲାସ୍‌ରେ ଯୋଉ ପିଲା କାହା କଥା ନ ଶୁଣି ନିଜ ମତାମତ ଉପରେ ଅଡ଼ି ରହେ, ତାକୁ 'ଧରତୀ ପକଡ଼ ଲଡ୍‌କା' ବୋଲି କୁହାଯାଏ। ବେଳେବେଳେ କୌତୁକରେ ଏକଜିଦିଆ ପିଲାକୁ କୁହାଯାଇଥାଏ- ଧରତୀ ପକଡ଼। ଏଭଳି ପିଲା ଯୁକ୍ତି, ତର୍କ, ବିତଣ୍ଡା, ଗାଲୁ ମାରିବାକୁ ଭଲପାଏ। କଥା, କଥାକେ ଲଢ଼େଇ ଝଗଡ଼ା କରିଥାଏ। ଧରତୀ ପକଡ଼ ହାରିବାକୁ ଭଲପାଏ ନାହିଁ। ନିର୍ବାଚନ ବେଳେ 'ଧରତୀ ପକଡ଼' ଜଣେ ନିଶ୍ଚିନ୍ତ ବ୍ୟକ୍ତି। ସେ ଜାଣନ୍ତି ଯେ ୧୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ଜିତିବ, ବାକି ନଅ ଜଣ ହାରିବେ। ତଥାପି ବିନା ଭାବିଚିନ୍ତି 'ଧରତୀ ପକଡ଼'ମାନେ ନିର୍ବାଚନ ମୈଦାନକୁ ଡେଇଁ ପଡ଼ନ୍ତି। ବାରମ୍ବାର ନିର୍ବାଚନ ଲଢ଼ିବା ତାଙ୍କ ପାଇଁ ଏକ ନିଶା ଓ ଆମ ପାଇଁ ପାଗଳାମୀ। ପଞ୍ଜାବ ପ୍ରଦେଶରେ ଜନ୍ମ କାକା ଯୋଗୀନ୍ଦର ସିଂହଙ୍କର କୌଣସି ରାଜନେ ?ତିକ, ସାମାଜିକ ପ୍ରଭାବ ବା ପାରିବାରିକ ପରିଚୟ ନ ଥିଲା। ଦଳ ନ ଥିଲା ବା ଗାନ୍ଧୀଙ୍କ ଭଳି ଆଦର୍ଶ ଗୁଣ, ନେ ?ତିକ ନେତୃତ୍ୱ ନ ଥିଲା। ଲୋକେ ତାଙ୍କୁ ଥଟ୍ଟା ତାମସା କରି କହୁଥିଲେ ହାରୁନ୍ ବାବା- ହାରିବାରେ ଓସ୍ତାଦ୍। ତାଙ୍କ ଜୀବନ କାଳରେ ପ୍ରାୟ ୩୦୦ରୁ ଅଧିକ ବିଭିନ୍ନ ସ୍ତରୀୟ ନିର୍ବାଚନ ଲଢ଼ି ହାରିଯାଇଥିଲେ। ଏହି କାରଣରୁ କୌଣସି ଦଳ ତାଙ୍କୁ ଟିକେଟ ଦେଉ ନ ଥିଲେ। ନୋବେଲ ପୁରସ୍କାର ବିଜେତା ଲୋକପ୍ରିୟ କବି ରବୀନ୍ଦ୍ରନାଥ ଠାକୁର ଏକ କବିତାରେ ଲେଖିଥିଲେ- ''ଯଦି ତୋର ଡାକ ଶୁଣି କେହି ନ ଆସେ, ତେବେ ଏକଲା ଚଲୋରେ।'' ଧରତୀ ପକଡ଼, ଯୋଗୀନ୍ଦର ସିଂହ ତା'ର ଏକ ହାସ୍ୟାସ୍ପଦ ଉଦାହରଣ। ସେ ଏକଲା ଚାଲିବାକୁ ଭଲ ପାଉଥିଲେ। ଆଜିର ପରିପ୍ରେକ୍ଷୀରେ କାକା ଯୋଗୀନ୍ଦର ସିଂହଙ୍କୁ ଜଣେ ସଫଳ ରାଜନୀତିଜ୍ଞ କହିବା କଷ୍ଟକର। କିନ୍ତୁ ସେ ଏକ ସଫଳ ନାଗରିକ। କାରଣ ସେ ଗଣତନ୍ତ୍ରର ଏକ ସଂପୂର୍ଣ୍ଣ, ସଚେତନ, ଆତ୍ମାଭିମାନୀ ବ୍ୟକ୍ତି ଭାବେ ପ୍ରତିଟି ନିର୍ବାଚନରେ ଅଂଶଗ୍ରହଣ କରି ପ୍ରମାଣ କରିଦେଇଥିଲେ ଯେ ସକ୍ରିୟ, ସଚେତନ, ସ୍ୱାଧୀନ ମତଦାତା ଗଣତାନ୍ତ୍ରିକ ପ୍ରକ୍ରିୟାର ପ୍ରଥମ ପାହାଚ। ଏହା ଦ୍ୱାରା ଜଣେ ବ୍ୟକ୍ତି ବିନା ଭୟରେ, ତାଙ୍କର ଶକ୍ତି ଜାହିର କରିଥାନ୍ତି। ନିର୍ବାଚନ ଲଢ଼ି ଜିତିବା ଗଣତନ୍ତ୍ରର ଏକମାତ୍ର ଲକ୍ଷ୍ୟ ନୁହେଁ। ନିର୍ବାଚନ ପ୍ରକ୍ରିୟାରେ ଭୟ ଓ ପକ୍ଷପାତ ବିନା ଯୋଗଦେବା ଦ୍ୱାରା ଏହି ପ୍ରକ୍ରିୟା ମଜଭୁତ ହୋଇଥାଏ। ସଚ୍ଚା ନାଗରିକ ଧରତୀ ପକଡ଼ ପ୍ରତ୍ୟକ୍ଷ ସ୍ୱାଭିମାନୀ ଥିଲେ। ଦଳୀୟ, ପଙ୍କିଳ ରାଜନୀତିରୁ ଊର୍ଦ୍ଧ୍ୱରେ ରହୁଥିଲେ। ତିନି ଶହ ଥର ନିର୍ବାଚନ ହାରିବା ପରେ ଥରେ ହେଲେ ସାଲିସ କରି ନ ଥିଲେ। ବିରୋଧୀଙ୍କୁ ଗାଳି ଦେଉ ନ ଥିଲେ। ବିଂଶ ଶତାବ୍ଦୀର ଶେଷ ଭାଗରେ- 'ଧରତୀ ପକଡ଼' ଦୁନିଆରୁ ବିଦାୟ ନେଲେ। ସେତେବେଳକୁ ସେ ଭାରତର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ବିଜୟୀ କେ. ଆର, ନାରାୟଣନଙ୍କ ଠାରୁ ହାରି ଯାଇଥିଲେ। ତାଙ୍କ ସାଥି ଓ ସହଯୋଗୀମାନେ ଧରତୀ ପକଡ଼ଙ୍କୁ ମନା କରିବା ସତ୍ତ୍ୱେ ସେ ନିର୍ବାଚନ ପଡ଼ିଆକୁ ଡେଇଁ ପଡୁଥିଲେ ଏବଂ ଏ ବାବଦରେ ତାଙ୍କ ଡିପୋଜିଟ ବାଜ୍ୟାପ୍ତ ହୋଇ ଯାଇଥିଲା ବାରମ୍ବାର। ଏହାଛଡ଼ା ୫ ଜଣ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଲଢ଼ି ହାରିଯିବା ଫଳରେ ତାଙ୍କ ପାଣ୍ଠି ବାଜ୍ୟାପ୍ତ ହୋଇଥିଲା ବାରମ୍ବାର। ଅର୍ଥାଭାବରୁ ସେ ନିର୍ବାଚନ ପ୍ରଚାର ବେଳେ ଗଧମାନଙ୍କୁ ପ୍ରଚାର କାମରେ ବ୍ୟବହାର କରୁଥିଲେ ବୋଲି କୁହାଯାଏ। ଏପରି ବ୍ୟବହାରକୁ କୁହାଯାଏ ପ୍ରତୀକବାଦ ବା ସାଂକେତିକ ପ୍ରତିବାଦ। ଏହା ଏକଜିଦିଆ ବ୍ୟକ୍ତିଙ୍କ ପାଇଁ ସ୍ୱାଭାବିକ। ପରାଜୟ ଜଳଜଳ ଦିଶୁଥିଲେ ବି ବ୍ୟକ୍ତି ତାଙ୍କ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାନ୍ତି। ନିର୍ବାଚନରେ ଗୋଟିଏ ଭୋଟ ହେଉ ବା କୋଟିଏ ଭୋଟ ହେଉ- ଉଭୟ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ୨୦୨୪ରେ ଅଗମ୍ୟ ଅରୁଣାଚଳ ପ୍ରଦେଶରେ, ନିର୍ବାଚନ ଆୟୋଗ କେବଳ ଜଣେ ମହିଳା ଭୋଟର ପାଇଁ ଏକ ମତଦାନ କେନ୍ଦ୍ର ସ୍ଥାପନ କରିଥିଲେ। ସେଠି ପହଚିଂବା ପାଇଁ ୩୯ କିଲୋମିଟର ଚାଲି କରି ଯିବାକୁ ପଡ଼ିଥିଲା। ଭାରତର ନିର୍ବାଚନ ଆୟୋଗଙ୍କର ଏକ ମୁଖ୍ୟ ଲକ୍ଷ୍ୟ ହେଉଚି ଯେ ମତଦାନ ପ୍ରକ୍ରିୟାରୁ ଯେପରି ଜଣେ ବି ମତଦାତା ବାଦ୍ ପଡ଼ିବେ ନାହିଁ। ୧୯୬୭ ମସିହାରେ ହରିଆଣାର ଜଣେ ବିଧାୟକ ଗୟାଲାଲ ୯ ଘଟାଂରେ ୩ ଥର ଦଳ ବଦଳ କରି ଆରମ୍ଭ କରିଥିଲେ 'ଆୟାରାମ, ଗୟାରାମ ରାଜନୀତି'। ଏହି ଉଦ୍ଦେଶ୍ୟରେ ଅନେକ ବାର ନିର୍ବାଚନ ସଂଶୋଧନ କରାଗଲାଣି। ଆଦର୍ଶ ଆଚରଣ ସଂହିତାରେ କ୍ରମାଗତ ଭାବେ ସଂସ୍କାର ଚାଲୁ ରହିଚି। ଅଧିକରୁ ଅଧିକ ନାଗରିକ ଯେପରି ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇପାରିବେ, ସେଥିପାଇଁ ସଂବିଧାନ ବି ସଂଶୋଧନ କରାଗଲାଣି। ୧୯୮୮ ମସିହାରେ ସଂବିଧାନକୁ ସଂଶୋଧନ କରି ମତଦାନ ପାଇଁ ବୟସର ନିମ୍ନତମ ସୀମାକୁ ୨୧ ବର୍ଷରୁ ୧୮ ବର୍ଷକୁ କମାଇ ଦେବା ଫଳରେ ଲକ୍ଷ ଲକ୍ଷ ଯୁବକଯୁବତୀ ଭୋଟର ତାଲିକାରେ ସାମିଲ ହୋଇଥିଲେ। ଏବେ ଆସନ୍ତା ଜନଗଣନା ପରେ ଜନସଂଖ୍ୟାର ୩୦ ପ୍ରତିଶତ ମହିଳା ନିର୍ବାଚିତ ପ୍ରତିନିଧି ବିଧାନସଭା ଓ ଲୋକସଭାରେ ପ୍ରବେଶ କରିବେ। ଫଳରେ ଲୋକପ୍ରତିନିଧିମାନଙ୍କର ଚେହେରା ଓ ଚରିତ୍ର ବଦଳିଯିବ। 'ଧରତୀ ପକଡ଼'ମାନଙ୍କୁ ବାରମ୍ବାର ନିର୍ବାଚନ ଲଢ଼ିବାକୁ ପଡ଼ିବ ନାହିଁ। ଜାତୀୟ ନୀତି ନିୟାମକ ସଂସ୍ଥାମାନଙ୍କରେ ମହିଳାମାନଙ୍କର ସ୍ୱର, ସମ୍ମାନ ଓ ସ୍ୱୀକୃତି ସୁଦୃଢ଼ ହେବ। କାକା ଯୋଗୀନ୍ଦର ସିଂହ ଭୋଟରମାନଙ୍କୁ ପ୍ରଥମ ଭେଟରେ କହୁଥିଲେ, ଏଥର ନିର୍ବାଚନରେ ମୁଁ ଏକ ପ୍ରାର୍ଥୀ। ମତେ ଭୋଟ ଦିଅ ନାହିଁ, ହରାଇ ଦିଅ। କିନ୍ତୁ ନିଜ ଭୋଟ ବିକ ନାହିଁ। ତାଙ୍କ ମୁହଁରୁ ଏଇ କଥା ଶୁଣିବା ପାଇଁ ଓ ତାଙ୍କୁ ଦେଖିବା ପାଇଁ ଲୋକେ ଏକାଠି ହେଉଥିଲେ ଏବଂ ବେଳେବେଳେ ଛୋଟଛୋଟ ଚାନ୍ଦା ଦେଉଥିଲେ। ଶୁଣାଯାଏ, ଥରେ ନିର୍ବାଚନ ବେଳେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ତାଙ୍କ ସହ ଭେଟ ହୋଇଥିଲା ଏବଂ ସେ ଧରତୀ ପକଡ଼ଙ୍କୁ ଅଢ଼େଇଶହ ଟଙ୍କା ଦାନ କରିଥିଲେ। କେତେକ କହନ୍ତି, ନେହରୁ ତାଙ୍କୁ ଟିକେଟ ଯାଚିଥିଲେ। ଆଉ କେତେକ ପ୍ରାର୍ଥୀ ଓ ପ୍ରତିଦ୍ୱନ୍ଦ୍ୱୀ ପ୍ରଚାର ବେଳେ କୌତୂହଳବଶତଃ, ତାଙ୍କୁ ଦେଖିବାକୁ ଆସୁଥିଲେ। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ- କିଏ ଏହି ପାଗଳ ପୁରୁଷ ଓ ପ୍ରତିଦ୍ୱନ୍ଦ୍ୱୀହୀନ ପ୍ରାର୍ଥୀ, ଯେ ସଦାବେଳେ ହାରିବା ପାଇଁ ନିର୍ବାଚନ ଲଢୁଥାନ୍ତି ? ଯୋଗୀନ୍ଦର କାକା ଭାବୁଥିଲେ ସେ ଯେତେଥର ନିର୍ବାଚନ ଲଢ଼ିବେ ଓ ହାରିବେ, ତାଙ୍କ ଜମାନତ ସେତେଥର ଜବତ ହେବ ଏବଂ ରାଷ୍ଟ୍ରୀୟ କୋଷକୁ ଯିବ ଓ ଜନମଙ୍ଗଳ କାର୍ଯ୍ୟରେ ଲାଗିବ। ଉତ୍ତର ଭାରତରେ ଏକ କୁସ୍ତିର ନାଁ- 'ଧରତୀ ପକଡ଼'। ଯେଉଁ କୁସ୍ତିରେ ଚିତ୍ ମାରିଥିବା ପେହେଲମାନ ଗଭୀର ଆତ୍ମବିଶ୍ୱାସ ସହ ମାଟି ସହ ଲାଖିରହେ। ଜିତେ ନାହିଁ କି ହାରେ ନାହିଁ। କାକାଙ୍କ ଜୀବନୀକୁ ସ୍ଥାନୀୟ ମିଡିଆ କହନ୍ତି- 'ଅଜବ ଢଙ୍ଗରେ ନିର୍ବାଚନ ଲଢୁଥିବା ବ୍ୟକ୍ତିଙ୍କର ଗଜବ କାହାଣୀ।' ନିର୍ବାଚନ ଇତିହାସରେ ଏହା ଏକ ବିରଳ ଉଦାହରଣ। କାକା ପ୍ରତ୍ୟେକ ବାର ହାରିବା ପରେ ମିଠା ବାଣ୍ଟୁଥିଲେ। ଖାଲି ପାଦରେ ଚାଲି, ବଳଦ, ଗଧ ଓ ଘୋଡ଼ାରେ ବସି ମତଦାନ ପ୍ରଚାର କରୁଥିଲେ ଏବଂ ହାରିବା ପରେ ଦେବଦର୍ଶନ କରି ଆଶୀର୍ବାଦ ନେଉଥିଲେ। ୧୯୯୮ ମସିହା, ଡିସେମ୍ବର ୨୩ ତାରିଖରେ ତାଙ୍କ ଘଟଣାବହୁଳ ଜୀବନରେ ଅନ୍ତ ଘଟିଥିଲା। ସେ ଦିନ ଧରତୀ ପକଡ଼ ତାଙ୍କ ପ୍ରିୟ ଧରତୀକୁ ସବୁଦିନ ପାଇଁ ତ୍ୟାଗ କରିଥିଲେ। ହାରାହାରି ହାଲିଆ ହୋଇଯାଇଥିଲେ ବୋଧହୁଏ।

ଚନ୍ଦନ ମହମହ ବାସ୍ନାରେ ମହକିଲା ନରେନ୍ଦ୍ର ପୁଷ୍କରିଣୀ

ପୁରୀ: ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ସୋମବାର ଦିନ ମହାପ୍ରଭୁଙ୍କ ପବିତ୍ର ଚନ୍ଦନଯାତ୍ରା ଆରମ୍ଭ ହୋଇଛି । ଏହା ୨୧ ଦିନ ଧରି ବାହାର ଚନ୍ଦନଯାତ୍ରା ଭାବେ ପ୍ରତିଦିନ ଦିନ ଓ ରାତି ଦୁଇଥର ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିବେ । ଶ୍ରୀମନ୍ଦିର ଦକ୍ଷିଣଘରୁ ବେହେରଣ ଦ୍ୱାର ଦେଇ ଅଷ୍ଟଧାତୁରେ ନିର୍ମିତ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ ଓ ଶ୍ରୀଦେବୀ ଶ୍ରୀମନ୍ଦିରରୁ ବିମାନଯୋଗେ ନରେନ୍ଦ୍ର ପୁଷ୍କରିଣୀ ଚକଡାକୁ ନିଆଯାଇଥିଲା । ଚନ୍ଦନକୁଣ୍ଡ ଓ ଚନ୍ଦନ ଘୋରା ବାସ୍ନାରେ ପୁଷ୍କରିଣୀ ଚାରିପଟ ମହକୁଥିଲା । ଶ୍ରୀମନ୍ଦିରରୁ ମଣି ବିମାନ ପଛେ ପଛେ ପାଲିକରେ ରାମକୃଷ୍ଣ ଓ ପଛେ ପଛେ ପଞ୍ଚ ମହାଦେବ ଯଥା ମହାଦେବ ଶ୍ରୀଯଜ୍ଞେଶ୍ୱର, ଶ୍ରୀମାର୍କଣ୍ଡେୟ, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର ବିଜେ ପ୍ରତିମା ବିମାନମାନେ ଏହି ଯାତ୍ରାରେ ସୁରକ୍ଷା ପାଇଁ ସାମିଲ ହୋଇ ଏକ ବିରାଟ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଛତି, ଘଣ୍ଟ, ଘଣ୍ଟୁଆ, ଓଡ଼ିଶୀନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀ, ମେଢ ମୃଦଙ୍ଗ ଓ ବାଦ୍ୟର ତାଳେ ତାଳେ ମଣିମାନରେ ମଣିମା ଧ୍ୱନି ଭିଜ ଦୃଶ୍ୟ ଭକ୍ତ ମାନଙ୍କୁ ବିମୋହିତ କରିଥିଲା । ଏଥିରେ ଚଳନ୍ତି ପ୍ରତିମା ରୂପା ଜିଙ୍ଗରେ ବିଜେ ପୁଜାରିତ ଜଳରେ ପଦ୍ମପୋଖରୀ କରାଯାଇଥିଲା । ଚାପ ନୌକାରେ ରୂପା କାରୁକାର୍ଯ୍ୟପୂର୍ଣ୍ଣ ଝଲକୁଥିଲା ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin:769003

ବ୍ରାହ୍ମଣ ସମାଜ ବୁର୍ଲାର ବାର୍ଷିକ ଉତ୍ସବ ପାଳିତ

ସମ୍ବଲପୁର,୨୧/୪(ନି/ପ୍ର): ବ୍ରାହ୍ମଣ ସମାଜ ବୁର୍ଲାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି । ବୁର୍ଲା ନୃସିଂହ ମନ୍ଦିର ଠାରେ ଭଗବାନ ପର୍ଶୁରାମଦେବଙ୍କ ବିଶେଷ ପୂଜାର୍ଚ୍ଚନା ପରେ ସନ୍ଧ୍ୟା ୬ ଘଟିକା ସମୟରେ ଭଗବାନ ପର୍ଶୁରାମ ଦେବଙ୍କ ଫଟୋଚିତ୍ର, ସଂକୀର୍ତ୍ତନ ମଣ୍ଡଳୀ ଓ ସମାଜର ଶତାଧିକ ସଦସ୍ୟବୃନ୍ଦ ଙ୍କ ସହିତ ଏକ ଭବ୍ୟ ଶୋଭାଯାତ୍ରା ନୃସିଂହ ମନ୍ଦିର ଠାରୁ ବାହାରି ନଗର ପରିକ୍ରମା କରି ପୁଣି ନୃସିଂହ ମନ୍ଦିର ଠାରେ ପହଚିଂଥିଲା ଓ ଏହାପରେ ମନ୍ଦିର ପରିସରରେ ଆୟୋଜିତ ସମାଜର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ସଭାରେ ବୁର୍ଲା ମୁଖ୍ୟ ବନ୍ଧ ବିଭାଗ ର ଅଧିକ୍ଷଣ ଯନ୍ତ୍ରୀ ଇଂ. ଶୁଭ୍ରାଂଶୁ ଦ୍ୱିବେଦୀ, ଭୀମସାର, ବୁର୍ଲା ର ଅଧିକ୍ଷକ ତଥା ହୃଦରୋଗ ବିଶେଷଜ୍ଞ ଡ଼ା ସୁନିଲ୍ କୁମାର ଶର୍ମା, ଭିସୁଟ୍ ରପ୍ରଫେସର ଡ. ସିଦ୍ଧାର୍ଥ ଶଙ୍କର ପଣ୍ଡା ଅତିଥି ଭାବେ ଯୋଗ ଦେଇ ସମାଜର କଲ୍ୟାଣ ନିମନ୍ତେ ନିଜର ବକ୍ତବ୍ୟ ରଖିଥିଲେ । ବ୍ରାହ୍ମଣ ସମାଜ ବୁର୍ଲା ର ସଭାପତି ଶ୍ରୀ ଯୁଧିଷ୍ଠିର ପତିଙ୍କ ସଭାପତିତ୍ୱ ଏବଂ ଶ୍ରୀ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନା , ଉପସଭାପତି ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ସଭାକାର୍ଯ୍ୟ ଆରମ୍ଭରେ ଶ୍ରୀମତୀ ନମିତା ଆଚାର୍ଯ୍ୟଙ୍କ ମନ୍ତ୍ରପାଠ ସହିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସଭାପତି ଶ୍ରୀ ପତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ବ୍ରାହ୍ମଣ ସମାଜ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଓ ସଂପାଦକ ଶ୍ରୀ ସୁନିଲ୍ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିବା ସହ ସମାଜ ଗଠନରଆବଶ୍ୟକତା ଓ ଆଗାମୀ ଦିନରେ ସମାଜର କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ ।ଏହି ଅବସରରେ ସର୍ବଶ୍ରୀ ବିରଚିଂ ନାରାୟଣ ମିଶ୍ର, ହିମାଂଶୁ ଶେଖର ଠାକୁର, ଯତିନ୍ଦ୍ର ମୋହନ ପଣ୍ଡା, ଇଂ କେଶବ ଚନ୍ଦ୍ର ଦାଶ, ବିପିନ ବିହାରୀ ଦାଶ୍, ଓ ଶ୍ରୀଯୁକ୍ତ ପରିକ୍ଷୀତ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଏଥି ସହିତ ଏବର୍ଷର ସିବିଏସସି ର ମେଟ୍ରିକ୍ ପରୀକ୍ଷାରେ ୯୫% ରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା କୃତି ବ୍ରାହ୍ମଣ ଛାତ୍ରଛାତ୍ରୀଙ୍କୁ ସ୍ମୃତି ଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ନୀଲମ୍ ପାତ୍ର, ଶୃତି ଲେଖା ଆଚାର୍ଯ୍ୟ, ସ୍ୱର୍ଣ୍ଣଆଭା ପଣ୍ଡା, ଆକାଂକ୍ଷା ପାଣିଗ୍ରାହୀ, ବିସ୍ମିତ ମିଶ୍ର ଓ ଆୟୁଷ୍ ପାଢ଼ୀ । ସମାଜର ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବୁର୍ଲାର ବହୁ ବରିଷ୍ଠ ବ୍ରାହ୍ମଣ ବୁଦ୍ଧିଜୀବି , ମହିଳା ଓ ଯୁବବର୍ଗ ଏବଂ ସଙ୍ଗଠନ ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ସକ୍ରିୟ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇ ଥିଲେ ।ପରିଶେଷରେ ଅନୁଷ୍ଠାନର ଉପସଭାପତି ଇଂ ଦିନଦୟାଲ ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋଲବିରା ବ୍ଲକ ଓବିସି କମିଟି ଗଠିତ

ଝାରସୁଗୁଡ଼ା,୨୧/୪(ନି/ପ୍ର): କୋଲାବିରା ବ୍ଲକ ଓବିସି କମିଟି ଗଠିତ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପଛୁଆ ବର୍ଗ ଜାତି (ଓବିସି) କମିଟିର ଏକ ବୈଠକ ସମାସିଂହା ଗ୍ରାମ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓବିସି ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ନୂତନ ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇଥିଲା । ଏ ଉପଲକ୍ଷେ କମିଟିର ବ୍ଲକ ସଂଯୋଜକ ସିର୍ଯ୍ଯୁକୁମାର ଖମାରୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁ ଚରଣ ସାହୁ, ପୂର୍ବତନ ସରପଂଚ ତୁଳାରାମ ସେନାପତି, ଓବିସି ସଂଘର ଝିର୍ଲାପାଲି ପଂଚାୟତ ସଭାପତି ନଳୀନ ପଟେଲ, ପୋଖରାସାହ୍ଲେ ପଂଚାୟତ ସଭାପତି ପିଂଟୁ କୁମାର ସାହୁ, ଉପଦେଷ୍ଟା ଭିକାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ସମାସିଂହା ପଂଚାୟତ ଓବିସି କମିଟି ଉପଦେଷ୍ଟା ତୁଲେଶ୍ୱର ପଟେଲ ଓ ଚେତାନନ୍ଦ ପଟେଲ ସଭା ପରିଚାଳନା କରିଥିଲେ । କୋଲାବିରା ପଂଚାୟତ ସଭାପତି ସୁକାନ୍ତ ସାହୁ, ବିହାରୀ ଲାଲ ନାଏକ, ବିନୋଦ ବିହାରୀ ନାଏକ, ମୋହନ ସାହୁ, ସୁଜିତ୍ ସାହୁ ପ୍ରମୁଖ ଓବିସି ବର୍ଗର ବିଭିନ୍ନ ସମସ୍ୟା, ସଂରକ୍ଷଣ ରେ ପାତର ଅନ୍ତର ଇତ୍ୟାଦି ଉପରେ ଅଭିଭାଷଣ ରଖିଥିଲେ । ଏଥିରେ ଶିକ୍ଷା, ଚାକିରି ତଥା ଅନ୍ୟାନ୍ୟ କ୍ଷେତ୍ର ରେ ଓବିସି ବର୍ଗ ପାଇଁ ସଂରକ୍ଷଣ ତଥା ଓବିସି ସମାଜ ର ଉନ୍ନତି, ହକ୍ ପାଇଁ ଆନ୍ଦୋଳନ କରିବା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ପଂଚାୟତ ର ସମସ୍ତ ଗ୍ରାମରେ ବୈଠକ କରି ସଂଗଠନକୁ ମଜବୁତ୍ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ବ୍ଲକର ୯ ଟି ପଂଚାୟତ କମିଟି ଗଠନ ପାରେ ଏହି ବୈଠକ ରେ ନୂତନ ବ୍ଲକ ପରିଚାଳନା କମିଟି ଗଠନ କରାଯାଇଥିଲା ।

ଜଟଣୀ ବ୍ଲକରେ ଗ୍ରାମ ପଂଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୧/୪(ନି/ପ୍ର): ଜଟଣୀ ବ୍ଲକ ଅନ୍ତର୍ଗତ ଯାଆଁଳା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜିର ଗ୍ରାମ ପଂଚାୟତ ସ୍ତରୀୟ ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଶୁଣାଣି ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଖୋରଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ରତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଜଣାଶୁଣାଣିକୁ ଆସିଥିବା ଜନସାଧାରଣ ମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମୋଟ ୩୬ଟି ଆପତି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ୨୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ସେଥିମଧ୍ୟରୁ ୩ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା ।

ଜିଏମୟୁରେ କୁଳପତି ରୂପେ ଯୋଗଦାନ କଲେ ପ୍ରଫେସର ବ୍ୟୋମାକେଶ ତ୍ରିପାଠୀ

ସମ୍ବଲପୁର,୨୧/୪(ନି/ପ୍ର): ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଆନୁଷ୍ଠାନିକ ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏନ. ନାଗରାଜୁଙ୍କ ସ୍ଥାନ ନେଇଛନ୍ତି, ଯିଏ ନଭେମ୍ବର ୨୭, ୨୦୨୦ ରୁ ମାର୍ଚ୍ଚ ୮, ୨୦୨୫ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରେ କୁଳପତି ରୂପରେ କାର୍ଯ୍ୟ କରିଥିଲେ । ତାଙ୍କ ପରେ, ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରଫେସର ସୁଶାନ୍ତ କୁମାର ଦାସଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ କାର୍ଯ୍ୟ କରିଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ, କୁଳ ସଚିବ ସନତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ ଆନୁଷ୍ଠାନିକ କାର୍ଯ୍ୟ କରାଯାଇଥିଲା ଓ ପ୍ରଫେସର ତ୍ରିପାଠି ତାଙ୍କର ବର୍ତ୍ତମାନର ପଦବୀ ଗ୍ରହଣ କରିବା ପୂର୍ବରୁ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରିଥିଲେ । ସେ ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟରେ କୁଳପତି (ଭାରପ୍ରାପ୍ତ) ଭାବରେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇଥିଲେ, ଯେଉଁଠାରେ ସେ ଶିକ୍ଷାଗତ ଏବଂ ପ୍ରଶାସନିକ ଢା଼ଞ୍ଚାକୁ ସୁଦୃଢ଼ କରିବାରେ ଅବଦାନ ରଖିଥିଲେ । ଜଣେ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଐତିହାସିକ ଏବଂ ପ୍ରତ୍ନତତ୍ତ୍ୱବିତ୍, ପ୍ରଫେସର ତ୍ରିପାଠୀ ପ୍ରାରମ୍ଭିକ ଏବଂ ପ୍ରାରମ୍ଭିକ ମଧ୍ୟଯୁଗୀୟ ଭାରତୀୟ ଇତିହାସର ଅଧ୍ୟୟନରେ ଯଥେଷ୍ଟ ଅବଦାନ ରଖିଛନ୍ତି । ତାଙ୍କର ବିଦ୍ୱାନ କାର୍ଯ୍ୟ ଏହି କ୍ଷେତ୍ରଗୁଡ଼ିକରେ ବୁଝାମଣାକୁ ଯଥେଷ୍ଟ ପରିମାଣରେ ସମୃଦ୍ଧ କରିଛି, ଯାହା ତାଙ୍କୁ ବ୍ୟାପକ ଶିକ୍ଷାଗତ ସମ୍ମାନ ଏବଂ ସ୍ୱୀକୃତି ପ୍ରଦାନ କରିଛି । ସେ ପ୍ରଥମେ ସମ୍ମାନ ଏବଂ ପ୍ରେରଣାର ଏକ ନିଦର୍ଶନ ସ୍ୱରୂପ, ନୂତନ କୁଳପତି ଭାବେ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ଯାହାଙ୍କ ନାମରେ ବିଶ୍ୱବିଦ୍ୟାଳୟ ନାମିତ ହୋଇଛି, ଏବଂ ଓଡ଼ିଶାର ସାଂସ୍କୃତିକ ଏବଂ ଶୈକ୍ଷିକ ଐତିହ୍ୟର ଏକ ଆଲୋକବର୍ତ୍ତିକା ଭାବରେ ଏହି ପ୍ରତିଷ୍ଠାନର ଗର୍ବକୁ ପ୍ରତିପାଦିତ କରିଥିଲେ । ତା'ପରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ର ଜ୍ଞାନରଞ୍ଜନ ସ୍ୱାଇଁ ତାଙ୍କୁ ମୁଖ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ଏବଂ ଅଧ୍ୟାପକମାନଙ୍କ ସହିତ ଆନୁଷ୍ଠାନିକ ଭାବରେ ପରିଚୟ କରାଇଥିଲେ । ଏହା ପରେ, ପ୍ରଫେସର ତ୍ରିପାଠୀ କ୍ୟାମ୍ପସର ଏକ ବ୍ୟାପକ ପରିଦର୍ଶନ କରିଥିଲେ, ଯେଉଁଥିରେ ଚଳିତ ଶେଷ ସେମିଷ୍ଟାର ପରୀକ୍ଷା ପର୍ଯ୍ୟବେକ୍ଷଣ କରିବା ପାଇଁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । ପରିବେଶ ସଚେତନତା ପ୍ରତି ତାଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରି, ସେ ବିଶ୍ୱବିଦ୍ୟାଳୟର ବୋଟାନିକାଲ୍ ଗାର୍ଡେନରେ ଏକ ଚାରା ରୋପଣ କରିଥିଲେ । ସେ କ୍ୟାମ୍ପସର ଭିତ୍ତିଭୂମି ଏବଂ ସ୍ୱଚ୍ଛତା ମଧ୍ୟ ସମୀକ୍ଷା କରିଥିଲେ । ତାଙ୍କ ପ୍ରଥମ ବକ୍ତବ୍ୟରେ, ପ୍ରଫେସର ତ୍ରିପାଠୀ ଶିକ୍ଷାଦାନ ଉତ୍କର୍ଷତାକୁ ସୁଦୃଢ଼ କରିବା, ଗବେଷଣା ପଦକ୍ଷେପକୁ ଆଗେଇ ନେବା ଏବଂ ଛାତ୍ର ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ପୂର୍ବତନ ଛାତ୍ର ସମ୍ପର୍କକୁ ବୃଦ୍ଧି କରିବା ଏବଂ ସମାଜ ସହିତ ବିଶ୍ୱବିଦ୍ୟାଳୟର ସମ୍ପର୍କକୁ ଗଭୀର କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ପଦାଧିକାରୀମାନେ, ପରୀକ୍ଷା ନିୟନ୍ତ୍ରକ, ଅର୍ଥ ନିୟନ୍ତ୍ରକ, ଜନ ସମ୍ପର୍କ ଅଧିକାରୀ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ନୂତନ କୁଳପତିଙ୍କୁ ସ୍ୱାଗତ କରିଥିଲେ ଏବଂ ତାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକାଶ କରିଥିଲେ ।

ଲଖନପୁର ବ୍ଲକ ବିଭାଜନ ଓ ଉପଖଣ୍ଡ ଘୋଷଣା ଦାବିରେ ନାଗରିକ ପରିଷଦର ବୈଠକ

ଝାରସୁଗୁଡ଼ା,୨୧/୪(ନି/ପ୍ର): ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଲଖନପୁର ବ୍ଲକ ନାଗରିକ ପରିଷଦର ସଭାପତି ପିତାମ୍ବର ମିଶ୍ରଙ୍କ ନେତୃତ୍ୱରେ ସମର ବଗା ପଂଚାୟତ ଅଧୀନସ୍ଥ କୁରେମାଲ ଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଦୀର୍ଘଦିନ ଧରି ରହିଆସୁଥିବା ଜନଦାବି ଲଖନପୁର ବ୍ଲକର ବିଭାଜନ ଏବଂ ଉପଖଣ୍ଡ ଘୋଷଣା ସହ ପ୍ରଦୂଷଣ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପୂର୍ବତନ ଶିକ୍ଷକ ଦୟାକର ପଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ମତ ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂ ତାଙ୍କ ମତ ରଖି କହିଥିଲେ ଯେ, ସର୍ବପ୍ରଥମେ ରାଜ୍ୟ ସରକାରଙ୍କୁ ଏକ ବ୍ଲକ ପୁନର୍ଗଠନ କମିଟି ଗଠନ କରି ସମଗ୍ର ରାଜ୍ୟର ବୃହତ ବ୍ଲକଗୁଡିକର ସୀମା ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଥିଲା ଯେ, ଆଗାମୀ ଦିନରେ ନାଗରିକ ପରିଷଦର ଏକ ପ୍ରତିନିଧିମଣ୍ଡଳ ସାଂସଦଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗର ସଚିବ ଓ ରାଜସ୍ୱ ଏବଂ ପଂଚାୟତିରାଜ ମନ୍ତ୍ରୀଙ୍କୁ ଭେଟିବେ ।

ପଡିଲା ଅକ୍ଷିମୁଠି, ଚାଷୀ ମନରେ ଉଲ୍ଲାସ

ସମ୍ବଲପୁର,୨୧/୪(ନି/ପ୍ର): ପବିତ୍ର ଅକ୍ଷୟ ତୃତୀୟା ଦିବସରେ ପଡିଛି ଅକ୍ଷୀମୁଠି । ଫଳରେ ଚାଷୀ ମହଲରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି । ଏହି ଅବସରରେ ସୋମବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରେଢ଼ାଖୋଲ ବ୍ଲକର ଝାଙ୍କରପାଲି ପଚାଂୟତର ଜାମଟାଲ ଗ୍ରାମରେ ଏହା ପାଳନ ହୋଇଯାଇଛି ।ଚାଷୀ ପ୍ରକାଶ ପ୍ରଧାନଙ୍କ ଚାଷ ଜମିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମିତ୍ରଭାନୁ ପ୍ରଧାନ, ରେଢ଼ାଖୋଲ ମଣ୍ଡଳ ସଭାପତି ମହାଦେବ ପ୍ରଧାନ, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ପାରମ୍ପରିକ ପୂଜା ବିଧି ଅନୁଯାୟୀ ଭୂମି ପୂଜା, ହଳଲଙ୍ଗଳ କରି ମିଳିତ ଭାବେ ଅକ୍ଷୀ ମୁଠି ଦେଇଥିଲେ । ଏହି ଅବସରରେ ଗ୍ରାମର ସମସ୍ତ ବାସିନ୍ଦା ଯୋଗ ଦେଇଥିଲେ ।

ବାମଣ୍ଡା ସାହିତ୍ୟ ସଂସ୍କୃତି ପରିଷଦର ସାମ୍ବତ୍ସରିକ ଉତ୍ସବ: 'ବାମଣ୍ଡା ମଣି' ସମ୍ମାନରେ ସୁବାସ ନାୟକ ସମ୍ବର୍ଦ୍ଧିତ

ସମ୍ବଲପୁର, ୨୧/୪(ନି/ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ସ୍ଥାନୀୟ ଆଦିବାସୀ ଭବନ ବାଲମତି ଦେହୁରୀ ସଭା କକ୍ଷରେ ପ୍ରାକ୍ତନ ବାମଣ୍ଡା ସାହିତ୍ୟ ସଂସ୍କୃତି ପରିଷଦର ଦ୍ୱିତୀୟ ସାମ୍ବତ୍ସରିକ ଉତ୍ସବ ତଥା ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବାରକୋଟ ଓ ଜମନକିରାର ଅବସରପ୍ରାପ୍ତ ତହସିଲଦାର ମୁରଲୀ ଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ମୁଖ୍ୟ ଅତିଥି, ବିଶ୍ୱ ବିଖ୍ୟାତ ରଙ୍ଗବତୀ ଗୀତର ରଚୟିତା ପଦ୍ମଶ୍ରୀ ମିତ୍ର ଭାନୁ ଗୌନ୍ତିଆ ବିଶିଷ୍ଟ ଅତିଥି, ସମାଜସେବୀ ଓ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଡାକ୍ତର ସତ୍ୟ ପ୍ରକାଶ ଦୋରା ଓ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର, ମହିମା ସନ୍ୟାସୀ ଶେଷଦେବ ବାବା, କବୟତ୍ରୀ ମମତା କୁମାରୀ ସୁଆର ଓ ପଶ୍ଚିମ ଓଡ଼ିଶା କଳାକାର ସଂଘର ସଭାପତି ମୁରଲୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବାମଣ୍ଡାର ଐତିହ୍ୟ ଓ ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ । ମଚାଂସୀନ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ 'ପଧାନପାଟ'କୁ ପିଲାଙ୍କ ପାଠ୍ୟ ପୁସ୍ତକରେ ସ୍ଥାନ ଦେଇଥିବାରୁ ସ୍ୱାଗତ କରିବା ସହ ଗୁଦଗୁଦାକୁ ମଧ୍ୟ ଅନୁରୂପ ସମ୍ମାନ ଦେବାକୁ ସରକାରଙ୍କ ଠାରେ ଦାବି କରିଥିଲେ । ପଶ୍ଚିମ ଓଡ଼ିଶାର ଗାନ୍ଧୀ ନୃସିଂହ ଗୁରୁଙ୍କ ୧୨୫ ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଅତିଥି ଗଣ ତାଙ୍କ ଉପରେ ଲିଖିତ ପୁସ୍ତକର ଲୋକାର୍ପଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରଥମ ପ୍ରାକ୍ତନ ବାମଣ୍ଡାର ରାଜ୍ୟସ୍ତରୀୟ କବି ସମ୍ମିଳନୀର ଆବାହକ ସାହିତ୍ୟିକ ଓ ସମାଜସେବୀ ସୁବାସ ଚନ୍ଦ୍ର ନାୟକଙ୍କୁ 'ବାମଣ୍ଡା ମଣି ' ଉପାଧି ସହ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସେହିପରି ନବ ମନୋନୀତ ଏସଏସସି ର ସଭାପତି ରବୀନ୍ଦ୍ର କିଶାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ ରାଧାକୃଷ୍ଣ ସାହିତ୍ୟ ସଂସଦର ସମ୍ପାଦକ ବିପିନ ବିହାରୀ ପୃଷ୍ଟିଙ୍କ ସଂଯୋଜନରେ ଖୋର୍ଦ୍ଧା, କଟକ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବଲାଙ୍ଗୀର ଆଦି ଜିଲ୍ଲାରୁ ଆସିଥିବା ପ୍ରାୟ ୫୦ ଜଣ କବି ଓ କବିୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସମସ୍ତ କବିଙ୍କୁ ମାନପତ୍ର, ଫୁଲ ତୋଡା ଓ ଉନରୀ ଦେଇ ଆୟୋଜକ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା । କବିତା ପାଠ କରିଥିବା ଅଗ୍ରଣୀ କବି, କବୟିତ୍ରୀ ମାନଙ୍କ ମଧ୍ୟରେ ଅଧ୍ୟାପକ ରୁଦ୍ର ନାରାୟଣ ମିଶ୍ର, ବସନ୍ତ ଚୌଧୁରୀ, ସୌଭାଗ୍ୟ ପାତ୍ର, ପଣ୍ଡିତ ତ୍ରୈଲୋକ୍ୟ ମହାପାତ୍ର, ପ୍ରେମ ସାଗର ଦେହେରିଆ, ବନମାଳୀ ନାମଦେଓ, ସୁସ୍ମିତା ପଟେଲ, ଇନ୍ଦୁ ମିଶ୍ର,ତୁଳସୀ ମଞ୍ଜରୀ ବହିଦାର,ନନ୍ଦିନୀ ନାୟକ, ରୁପାନନ୍ଦ ଜୟପୁରିଆ, ରମାକାନ୍ତ ସାହୁ, ସଞ୍ଜୟ ମହେରନା,ଶରତ ତନ୍ତୀ, ଅନାଦି ଚରଣ ସାହୁ, ସନ୍ତୋଷ ଉପାଧ୍ୟାୟ ବଂଶୀଧର ପଶାୟତ, ଡ଼ ଜ୍ୟୋସ୍ନା ପ୍ରଧାନ, ତନୁଶ୍ରୀ ସେଠ୍,ପ୍ରଦୀପ ସାହୁ, ପ୍ରମୋଦ ନାଏକ,କୀର୍ତ୍ତି ବହିଦାର, ରବୀନ୍ଦ୍ର ଦାସ, ନରେନ୍ଦ୍ର କୁମାର ନାଥ ପ୍ରମୁଖ । ଶେଷରେ ଉତ୍ସବର ଅନ୍ୟତମ ଆବାହକ ପ୍ରମୋଦ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଆରା ବନ୍ଧୁମିଳନ ସମାରୋହ

ଭଦ୍ରକ,୨୧/୪(ନି/ପ୍ର): ଚାକିରିରୁ ଅବସର ନେବାର ଏକମାସ ପୂର୍ବରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟ ପରିସରରେ ଏକ ନିଆରା ବନ୍ଧୁମିଳନ ଆୟୋଜନ କରିଛନ୍ତି । ତା ପୁଣି ଗ୍ରାମବାସୀ, ଅଭିଭାବକ, ପାଖ ଆଖ ଅଂଚଳର ସବୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ସହିତ ଜଡ଼ିତ ସମସ୍ତ ଶୁଭେଚ୍ଛୁମାନଙ୍କୁ ନେଇ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଏପରି ଥିଲାଯେ ତାହା ପ୍ରକୃତରେ ବିଦାୟ କାଳୀନ ସଭାର ଭ୍ରମ ସୃଷ୍ଟି କରିଥିଲା । ଏଭଳି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ ଭଦ୍ରକ ବ୍ଲକ ରାହାଞ୍ଜ ପଂଚାୟତ ସ୍ଥିତ ତିଶଲପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଂଟିଆଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ନିଆରା ବନ୍ଧୁମିଳନ ସମାରୋହ ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗିରଥୀ ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା କେନ୍ଦୁଆପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଶିଶେଖର କରଶର୍ମା, କଳିଙ୍ଗ ଟିଭିର ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ସାମଲ, ବ୍ରଜଗୋପୀକା ସେବା ମିଶନ ଭଦ୍ରକର ବରିଷ୍ଠ ସଂଯୋଜକ ବିଷ୍ଣୁମୋହନ ପଣ୍ଡା, ପିଏମ୍ ଶ୍ରୀ ହାଇସ୍କୁଲ ଚୁନିଦାର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା, ସି.ଆର.ସି.ସି. ଜୟନ୍ତ ଜେନା, ଆନନ୍ଦ ବଜାର ହାଇସ୍କୁଲର ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, କୃଷି କବି ଅରୁଣ କୁମାର ପାତ୍ର, ଭଦ୍ରକ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଆରତୀ ଜେନା, ଗଣିଜାଙ୍ଗ ବାଳିକା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ର ସୁକାନ୍ତି ବିଶ୍ୱାଳ, ବିଦ୍ୟାଳୟ ପରିଚ୍ଳନା କମିଟିର ସଭାପତି ଗୌରୀବଲ୍ଲଭ ପାଢ଼ୀ, ପ୍ରାକ୍ତନ ସଭାପତି ସୁଦର୍ଶନ ଲେଙ୍କା, ଅସୁରା ଗ୍ରାମ୍ୟ କମିଟିର ସଭାପତି ଅଭିମନ୍ୟୁ ବାରିକ୍, ସମାଜସେବୀ ସଂଗ୍ରାମ କେଶରୀ ଦାସ, ରୋପ୍ୟମୟୀ ମହାପାତ୍ର ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଝୁରନ୍‌ବାଳା ଖୁଂଟିଆ ତିଶଲପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୨ ବର୍ଷ ଧରି କିପରି ଏହି ବିଦ୍ୟାଳୟର ଶିକ୍ଷାର ବିକାଶ ସହିତ ଶିକ୍ଷାୟତନର ବିକାଶ ଦିଗରେ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ସେ ବିଷୟରେ ଆଲୋକପାତ କରିଥିଲେ । ଏପରିକି ବିଭିନ୍ନ ସମୟରେ ସେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ପୁରସ୍କାର ପାଇ ବିଦ୍ୟାଳୟ ଗୌରବ ବୃଦ୍ଧିରେ ସହାୟକ ହୋଇଛନ୍ତି । ତତ୍ ସହିତ ଏହି ବିଦ୍ୟାଳୟକୁ ଦୁଇ ଦୁଇଥର ପ୍ରକୃତି ମିତ୍ର ପୁରସ୍କାର ମଧ୍ୟ ଲାଭ କରାଇପାରିଛନ୍ତି । ତେଣୁ ସେହିଭଳି ଜଣେ ତ୍ୟାଗପୂତ, ନିଷ୍ଠାବାନ୍, ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଦର୍ଶ କାର୍ଯ୍ୟ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶୁଭେଚ୍ଛୁମାନେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଖୁଂଟିଆଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ ଯାହା ଏହକ ନିଆରା ନିଦର୍ଶନ ସୃଷ୍ଟି କରିଥିଲା । ଉକ୍ତ ଉତ୍ସବରେ ରାହାଞ୍ଜ, ଜଗଦଳପୁର, ରମ୍ଭିଲା, ଚରମ୍ପା ଓ ଏରେଇଁ ପଂଚାୟତର ସମସ୍ତ ପ୍ରାଇମେରୀ ତଥା ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଅସୁରା, ତିଶଲପୁର ଗ୍ରାମର ସମସ୍ତ ଗ୍ରାମବାସୀ ଯୋଗଦାନ ପୂର୍ବକ ପ୍ରଧାନ ଶିକ୍ଷୟିତ୍ରୀଙ୍କର ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରଜଗୋପିକା ସେବାମିଶନ, ଭଦ୍ରକର ଦେବଦର୍ଶନ ଦାଶ, ବିରେଶ ମହାନ୍ତି, ନିର୍ମଳା ସାହୁ, ସ୍ୱର୍ଣ୍ଣଲତା ପାଢ଼ୀ, ମମତା ମହାନ୍ତି, ଉର୍ବଶୀ ଦାଶ, ଆରତୀ ସାହୁ ପ୍ରଭୃତି ସମସ୍ତ ସାଧକ ସାଧୀକା ମଧ୍ୟ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ

ବୃନ୍ଦାବନ କଲୋନୀରେ ଭାରୀଯାନ ଚଳାଚଳ ଉପରେ କଟକଣା

ଝାରସୁଗୁଡ଼ା,୨୧/୪(ନି/ପ୍ର): ଝାରସୁଗୁଡ଼ା ପୌରାଚଂଳ ଅନ୍ତର୍ଗତ ବୃନ୍ଦାବନ କଲୋନୀ ବାସିନ୍ଦାଙ୍କ ସୁରକ୍ଷା ତଥା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ମୋଟର ଯାନ ଆଇନ ୧୯୮୮ ର ଧାରା ୧୧୫ ଅନୁଯାୟୀ ଏହି ଅଚଂଳରେ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି । ବୃନ୍ଦାବନ କଲୋନୀର ସଂକୀର୍ଣ୍ଣ ରାସ୍ତା ଯୋଗୁଁ ପ୍ରତିଦିନ ସୃଷ୍ଟି ହେଉଥିବା ଟ୍ରାଫିକ ଜାମ ଏବଂ ଦୁର୍ଘଟଣା ଭୟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ବିଶେଷ କରି ସ୍କୁଲ ଯାଉଥିବା ପିଲା, ବରିଷ୍ଠ ନାଗରିକ ଏବଂ ନିକଟସ୍ଥ କୁଷ୍ଠାଶ୍ରମର ଅନ୍ତେବାସୀମାନେ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଏବଂ ଦୁର୍ଘଟଣାକୁ ରୋକିବାକୁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଏପ୍ରିଲ ୩୦, ୨୦୨୬ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭାରୀ, ମଧ୍ୟମ ଏବଂ ବ୍ୟବସାୟିକ ଯାତ୍ରୀବାହୀ ଯାନ (୯ ଜଣରୁ ଅଧିକ ସିଟ୍ ବିଶିଷ୍ଟ) ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି । ଏହା ସହିତ ଲୋଡେଡ୍ କିମ୍ବା ଅନଲୋଡେଡ୍ ସାମଗ୍ରୀ ପରିବହନ କରୁଥିବା ଗାଡ଼ି, ଟ୍ରାକ୍ଟର ଏବଂ ୭୫୦୦ କିଲୋଗ୍ରାମରୁ ଅଧିକ ଓଜନ ବିଶିଷ୍ଟ ରୋଡ୍ ରୋଲର ଗୁଡ଼ିକ ଉପରେ ମଧ୍ୟ କଟକଣା ଲଗାଯାଇଛି ।

ଓଡ଼ିଶା କେବଳ ସଂସ୍କୃତି ନୁହେଁ, ବରଂ ବୀରମାନଙ୍କ ଭୂମି ମଧ୍ୟ : ଦ୍ରୌପଦୀ ମୁର୍ମୁ

ଆମକୋ-ସିମକୋ ଗୁଳିକାଣ୍ଡ ଘଟଣାର ଶହୀଦମାନଙ୍କୁ ରାଷ୍ଟ୍ରପତି ମୁର୍ମୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ

ରାଉରକେଲା,୨୧/୪(ନି/ପ୍ର): ଇସ୍ପାତ ସହର ରାଉରକେଲାର ବିମାନବନ୍ଦର ପରିସରରେ ଆୟୋଜିତ ଆଦି ପର୍ବ-୨୦୨୬ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବ୍ରିଟିଶମାନଙ୍କ ବିରୁଦ୍ଧରେ ଆମକୋ-ସିମକୋ ଗୁଳିକାଣ୍ଡ ଘଟଣାର ଅମର ଶହୀଦମାନଙ୍କୁ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ ସୁନ୍ଦରଗଡ଼ କେବଳ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ କଳା ପାଇଁ ନୁହେଁ, ବରଂ ଏହାର ବୀରମାନଙ୍କ ବଳିଦାନ ଏବଂ କ୍ରୀଡାରେ ଏହାର ଅତୁଳନୀୟ ଅବଦାନ ପାଇଁ ମଧ୍ୟ ଜଣାଶୁଣା। ଏହି ଅବସରରେ, ରାଷ୍ଟ୍ରପତି ଏକ ଆଦିବାସୀ ସଂଗ୍ରହାଳୟ ଏବଂ ପ୍ଲାନେଟୋରିୟମ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ମଧ୍ୟ ଉଦଘାଟନ କରିଛନ୍ତି।ସେ 'ଜୟ ଚନ୍ଦ୍ରଶେଖର ମହାଦେବ,' 'ଜୟ ଶ୍ରୀ ବାଲୁକେଶ୍ୱର ମହାଦେବ,' ଏବଂ 'ଜୟ ଜଗନ୍ନାଥ' ଧ୍ୱନି ଦେଇ ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଆଦିବାସୀ କଳା ଏବଂ ସଂସ୍କୃତି ଉପରେ ଆଧାରିତ ନୃତ୍ୟ ଏବଂ ପ୍ରଦର୍ଶନୀର ପ୍ରଶଂସା କରି ସେ କହିଛନ୍ତି ଯେ ଏହାକୁ ଦେଖି ଅନୁଭବ ହେଉଛି ଯେପରି ଆମର ଲୁପ୍ତପ୍ରାୟ ସଂସ୍କୃତି ଏବଂ ପରମ୍ପରା ପୁଣି ଜୀବନ୍ତ ହୋଇଗଲା। ରାଷ୍ଟ୍ରପତି ତାଙ୍କ ଭାବପ୍ରବଣ ଭାଷଣରେ ନିର୍ମଳ ମୁଣ୍ଡା ଏବଂ ଆମକୋ-ସିମକୋ ଆନ୍ଦୋଳନର ଶହୀଦମାନଙ୍କୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ଚାଲିଥିବା ଜନ ଆନ୍ଦୋଳନ, ଯାହା ଆମକୋ-ସିମକୋ ବିଦ୍ରୋହ ଭାବରେ ଜଣାଶୁଣା, କେବଳ ଓଡ଼ିଶାର ଇତିହାସରେ ନୁହେଁ ବରଂ ଭାରତୀୟ ଇତିହାସରେ ଏକ ଅମୂଲ୍ୟ ଅଧ୍ୟାୟ। ବ୍ରିଟିଶ ସରକାରଙ୍କ ନିଷ୍ଠୁରତା ଏବଂ ଗୁଳିଚାଳନା ପାଇଁ ୪୦ ରୁ ଅଧିକ ଲୋକ ପ୍ରାଣବଳି ଦେଇଥିଲେ। ଓଡ଼ିଶାରେ ସାନ୍ତାଳ, ପାଇକ ଏବଂ ମୁଣ୍ଡା ବିଦ୍ରୋହ ସର୍ବଦା ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ରାଷ୍ଟ୍ରପତି କହିଥିଲେ ଯେ ଶଙ୍ଖ ଏବଂ କୋଏଲ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ ସୁନ୍ଦରଗଡ଼ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଆଧ୍ୟାତ୍ମିକତାର ଏକ ସୁନ୍ଦର ମିଳନସ୍ଥଳ। ଖଣ୍ଡାଧର ଜଳପ୍ରପାତ, ବେଦବ୍ୟାସ ଏବଂ ହନୁମାନ ବାଟିକା ଏହି ଜିଲ୍ଲାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଏଠାରେ ରହୁଥିବା ଆଦିବାସୀ ଭାଇଭଉଣୀମାନଙ୍କ ଜୀବନଶୈଳୀ, ପରମ୍ପରା ଏବଂ ପର୍ବ ଓଡ଼ିଶାର ସଂସ୍କୃତିକୁ ଆହୁରି ସମୃଦ୍ଧ କରିଥାଏ। କ୍ରୀଡ଼ା, ବିଶେଷକରି ହକିରେ ସୁନ୍ଦରଗଡ଼ର ଅବଦାନକୁ ସ୍ମରଣ କରି ରାଷ୍ଟ୍ରପତି କହିଛନ୍ତି ଯେ ଏହି ଜିଲ୍ଲା ଦିଲୀପ ତିର୍କୀ, ଲାଜାରସ୍ ବାର୍ଲା, ଅମିତ ରୋହିଦାସ, ଦୀପ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋଙ୍କ ଭଳି ମୂଲ୍ୟବାନ ରତ୍ନ ସୃଷ୍ଟି କରିଛି। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଆଥଲେଟିକ୍ ଷ୍ଟାଡିୟମ ଏବଂ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ କ୍ରୀଡାକୁ ପ୍ରୋତ୍ସାହିତ କରିଚାଲିଛି। ଏହି ଅବସରରେ ରାଷ୍ଟ୍ରପତି ନିର୍ମଳ ମୁଣ୍ଡା ପ୍ରବେଶ ପଥ, ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ୍, ମନୋରଞ୍ଜନ ପାର୍କ, ଆଦିବାସୀ ସଂଗ୍ରହାଳୟ ଏବଂ ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ରର ଉଦଘାଟନ କରିଛନ୍ତି। ସେ କହିଛନ୍ତି ଯେ ଆଦିବାସୀ ସଂଗ୍ରହାଳୟ କେବଳ ଏକ ସଂଗ୍ରହାଳୟ ନୁହେଁ, ବରଂ ଆଦିବାସୀ ଲୋକଙ୍କ ଆତ୍ମା, ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ। ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ୍ ବିଜ୍ଞାନ କ୍ଷେତ୍ରରେ ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କୁ ବହୁତ ଲାଭ ଦେବ। ପ୍ରଭୁ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀକୁ ଆଦିବାସୀ ଗୌରବ ଦିବସ ଭାବରେ ପାଳନ କରିବାକୁ ମଧ୍ୟ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ପ୍ରାୟ ୧୫୮ କୋଟି ଟଙ୍କା ବ୍ୟୟଅଟକଳରେ ଚାରିଟି ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏଥି ମଧ୍ୟରେ ୪୮ କୋଟିର ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର, ୪୦ କୋଟିର ଆଦିବାସୀ ସଂଗ୍ରହାଳୟ, ୪୨.୪୪ କୋଟିର ନିର୍ମଳ ମୁଣ୍ଡା ପ୍ରବେଶ ପଥ ଓ ୨୭ କୋଟିର ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍ ରହିଛି । ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୨୫୦୦ ଶହ ଛାତ୍ରଛାତ୍ରୀ ଓଡ଼ିଶୀ, ସାନ୍ତାଳୀ, କରମା ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

ନରସେବା ନାରାୟଣ ସେବା ଅନୁଷ୍ଠାନର ସାମାଜିକ କାର୍ଯ୍ୟକ୍ରମ

ରାଉରକେଲା,୨୧/୪: ସାମାଜିକ ଅନୁଷ୍ଠାନ ନରସେବା ନାରାୟଣ ସେବା ଅନୁଷ୍ଠାନ ତରଫରୁ ସେକ୍ଟର ୨୦ ସ୍ଥିତ ନେହେରୁ ପଲ୍ଲୀ ଠାରେ ଥିବା କଳିକା କେନ୍ଦ୍ର ଠାରେ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ୩୧୦ତମ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ନିଃଶୁଳ୍କ ପୋଷାକ ଓ ଖାଦ୍ୟ ବ[ନ କରାଯାଇଥିଲା। କଳିକା କେନ୍ଦ୍ରର ମୁଖ୍ୟ ଗଣେଶ ଜୟସିଂହ ଓ ଲିଲିମା ଜୟସିଂହ ଙ୍କ ଆବାହକତ୍ୱ, ଅନୁଷ୍ଠାନର ମୁଖ୍ୟ ଓମ ପ୍ରକାଶ ବାପୁଡିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାମାଜିକ କାର୍ଯ୍ୟକ୍ରମରେ ଚ୍ୟାମ୍ବର ଅଫ୍ କମର୍ସର ସଭାପତି ମଳୟ ମଣ୍ଡଳ, ହମିରପୁର ଉନ୍ନୟନ ପରିଷଦର ସଭାପତି ଡ଼ ସୁମନ ଦନ୍ନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏପରି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ରମେଶ ଗୋପାଳ ବାସିଆ, ଚନ୍ଦନ ଅଗ୍ରୱାଲ, ସରୋଜ ନାୟକ, ରଶ୍ମିରେଖା ଦାସ, ରବିନ୍ଦ୍ର କୁମାର ସାମଲ, ଶର୍ମିଲା ଦନ୍ନ,ରୀତା ମହାପାତ୍ର, ପ୍ରମୋଦିନୀ ଦାସ,କେ କେ ପୋଦାର, ଆଶା ଦିଦି ରୀନା କୁମାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶ୍ରୀ ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଏସଏସଆରଭିଏମ୍ର ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ

ରାଉରକେଲା,୨୧/୪(ନି/ପ୍ର): ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ସେକ୍ଟର ୨୦ ସ୍ଥିତ ଇସ୍ପାତ ଇଂଲିଶ ମାଧ୍ୟମିକ ବିଦ୍ୟାଳୟ ଠାରେ ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଡ ଗିରିଜା ଶଙ୍କର ଦାସଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଅମ୍ରିତା ନିଲମ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତିଙ୍କ ଉପଦେଷ୍ଟା ଡ଼ ବିଜୟଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ମୁଖ୍ୟଅତିଥି ଡ଼ ମହାନ୍ତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ବାଣୀ,ଜୀବନ ଜିଇବାର କଳା, ଶିକ୍ଷକ କିପରି ସୃଷ୍ଟିର ନିର୍ମାଣ ଓ ପ୍ରଳୟର ସୂତ୍ରଧର, ସଚେତନତା ଉପରେ ଗୁରୁତ୍ୱାରୋପ, ପ୍ରଥମେ ଶିକ୍ଷକ ଶିଖିଲେ ପରେ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ, ଖାଦ୍ୟ, ନିଦ୍ରା, ଧ୍ୟାନ ଓ ଶ୍ୱାସ ଉପରେ କିପରି ନିୟନ୍ତ୍ରଣ,ଯୁକ୍ତି, ସଂଗୀତ ଓ ଯୋଗାଭ୍ୟାସ ଉପରେ ସୁନ୍ଦର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ ଖୁସବୁ ଜ୍ୟୋତି, ପ୍ରାକ୍ତନ ଅଧ୍ୟକ୍ଷ ବନମାଳୀ କର, ସ୍ମିରତା ଦେଇ ପ୍ରମୁଖ ମଚାଂସୀନ ଥିଲେ। ଶେଷରେ ଅଧ୍ୟକ୍ଷତା କରୁଥିବା ଡ ଦାସ ଏଭଳି କର୍ମଶାଳାର ଆବଶ୍ୟକତା ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଅଧିକାରୀ ଯଶବିନ୍ଦର କୈାରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରାଉରକେଲା,୨୧/୪(ନି/ପ୍ର): ସେକ୍ଟର-୨୦ ପମ୍ପହାଉସ ନିକଟସ୍ଥ ଶ୍ରୀ ଶ୍ରୀ ମହାବୀର ମୁକ୍ତିମଣ୍ଡପ ଠାରେ ବର ଓସ୍ତ ଗଛର ବିବାହ ବାର୍ଷିକୀ ତଥା ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଦ୍ୱିଦିବସୀୟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ସଞ୍ଜୟ ପଣ୍ଡା ଓ କର୍ତ୍ତା ଭାବେ ଇନ୍ଦ୍ରମଣି ଜେନା, ସସ୍ମିତା ଜେନା ତଥା କାର୍ତ୍ତିକ ପାତ୍ର,ରଞ୍ଜୁ ପାତ୍ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅଙ୍କୁରାରୋପଣ,କଳସ ଯାତ୍ରା, ସୂର୍ଯ୍ୟ ପୂଜା,ଶାଳା ପ୍ରବେଶ,ମଣ୍ଡଳ ପୂଜା,ଯଜ୍ଞ, ବିଗ୍ରହ ପ୍ରାଣ ପ୍ରତିଷ୍ଠା,ଯଜ୍ଞ ପୂର୍ଣ୍ଣାହୁତି,ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ ଆଦି କରାଯାଇଥିଲା। ଅତିଥି ଭାବେ ରଘୁନାଥପାଲି ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ସଭାପତି ଜଳଧର ଛୋଟରାୟ ଓ ସମ୍ପାଦକ ସୁଶାନ୍ତ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନିତ୍ୟାନନ୍ଦ ବେହେରା, ଆଦିତ୍ୟ ବେହେରା,ବିଭୁତି ପାତ୍ର,ବିନୟ ପାତ୍ର, ରଣଜିତ କଲେଥ,ରାଜୁ କଲେଜ, ଅଭିରାମ ରଥ, ସୁସ୍ମିତା ସ୍ୱାଇଁ, ଦମୟନ୍ତୀ ମଲ୍ଲିକ, କୈଳାଶ ମହାନ୍ତି, ମୁରଲୀଧର ସାମଲ,ମୁରଲୀ ବେହେରା,ରିକି ପାଇକରାୟ, ସବିତା ଜେନା,ଶୁଭମ ସାହୁ,କୁନ୍ତଳା ପଟ୍ଟନାୟକ, ଦୀପକ ସାମଲ,ମାନସ ସାହୁ, ଅମ୍ବିକା ସାହୁ, ରାଜକୁମାର ସାହୁ, ସନ୍ତୋଷ ନାୟକ, କୃଷ୍ଣଚନ୍ଦ୍ର ସାହୁ,କେଦାର ଭଟ୍ଟ, ନନ୍ଦ ପାଇକରାୟ,ସୋନୁ ମାଝୀ, ସନ୍ତୋଷ ମାଝୀ, ଭୀଷ୍ମ ମାଝୀ,ବୁଦ୍ଧିରାମ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ସେଲ୍, ରାଉରକେଲା ଇସ୍ପାତ କାରଖାନା ରେ କୋକ୍ ଓଭେନ୍ ବ୍ୟାଟେରୀ-୭ ନିମନ୍ତେ ପ୍ରଥମ ରିଫ୍ରାକ୍ଟ୍ରି ଇଟା ସ୍ଥାପନ

ରାଉରକେଲା,୨୧/୪(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ କୋକ୍ ଓଭନ୍ସ ବ୍ୟାଟେରୀ-୭ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଏକ ପ୍ରମୁଖ ମାଇଲଖୁଟଂ ଭାବେ ପ୍ରଥମ ଇଟା ସ୍ଥାପନା ଉତ୍ସବ ଅପ୍ରେଲ ୨୦ ତାରିଖ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ରାଉକେଲ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ସେଲ୍ ର ପ୍ରଥମ ଷ୍ଟାମ୍ପ ଚାର୍ଜ ବ୍ୟାଟେରୀର ପ୍ରଥମ ରିଫ୍ରାକ୍ଟ୍ରି ଇଟା ସ୍ଥାପନ କରିଥିଲେ। ଏହି ଅବସରରେ, ଖଣି ଉନ୍ନୟନ –ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, ମାଇନ୍ସ –ଓଡିଶା ଗ୍ରୁପ ଓଫ ମାଇନ୍ସ ତଥା ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ ପି ସିଂହ, ଆର ଏସ ପି ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁଦୀପ ପାଲ ଚୌଧୁରୀ, ସେବା ବିଭାଗ ସିଜିଏମ ଇନ ଚାର୍ଜ ତଥା କାର୍ଯ୍ୟ ବିଭାଗର ଇ ଡି ଙ୍କ ଦାୟିତ୍ୱ ବହନ କରୁଥିବା ଶ୍ରୀ ଆତିଶ ଚନ୍ଦ୍ର ସରକାର, ବିତ୍ତ ଓ ଲେଖା ବିଭାଗ ର ସି ଜି ଏମ ତଥା ଉକ୍ତ ବିଭାଗ ର ଇଡି ଙ୍କ ଅତିରିକ୍ତ କାର୍ଯ୍ୟ ଭାର ବହନ କରୁଥିବା ଶ୍ରୀ ରାଜେଶ ଦାସଗୁପ୍ତା, ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ, କାରଖାନାର ବହୁ ସି ଜି ଏମ ବହୁ ସଂଖ୍ୟକ ବରିଷ୍ଠ ଅଧିକାରୀଙ୍କ ସମେତ ଏଲ ଏଣ୍ଡ ଟି ଏବଂ ଥାଇସେଙ୍କ୍ରୁପ ର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ, ଡିଆଇସି ନିଜର ଅଭିଭାଷଣରେ ପ୍ରକଳ୍ପ କାର୍ଯ୍ୟ ସମୟରେ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ବୋଲି ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ଆଗକୁ ନେବା ପାଇଁ ଆର ଏସ ପି ଏବଂ ଏଲ ଏଣ୍ଡ ଟିର ପ୍ରକଳ୍ପ ବିଭାଗର ସାମୂହିକ ଙ୍କ ପ୍ରୟାସକୁ ପ୍ରଶଂସା କରିବା ସହିତ ଉକ୍ତ ପ୍ରକଳ୍ପକୁ ପର୍ଯ୍ୟାୟ କ୍ରମେ ସମାପନ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇ ଥିଲେ। କାର୍ଯ୍ୟାନ୍ୱୟନ ଦଳ ଉପରେ ବିଶ୍ୱାସ ପ୍ରକଟ କରି ସେ କହିଥିଲେ ଯେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏବଂ ମୁଁ ଆଶା କରୁଛି ଯେ ଏହା ଏହାର ପୂର୍ବ ନିର୍ଦ୍ଧାରିତ ୪୧ ମାସର ସମୟସୀମା ପୂର୍ବରୁ ୩୮ ମାସ ମଧ୍ୟରେ ସମାପ୍ତ ହେବ।ଉଲ୍ଲେଖଯୋଗ୍ୟ ଯେ, କୋକ ଓଭେନ ବ୍ୟାଟେରୀ ହେଉଛି ସମଗ୍ର ସେଲର ପ୍ରଥମ ଷ୍ଟାମ୍ପ ଚାର୍ଜ କୋକ୍ ଓଭନ୍ ବ୍ୟାଟେରୀ, ଯାହା ସଂଗଠନ ପାଇଁ ଏକ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଚିହ୍ନିତ କରୁଛି। ବାର୍ଷିକ ୧ ନିୟୁତ ଟନ୍ କୋଇଲା କ୍ଷମତା ସହିତ ଡିଜାଇନ୍ କରାଯାଇଥିବା ଏହି ନୂତନ ବ୍ୟାଟେରୀକୁ ଅତ୍ୟାଧୁନିକ ଉପ-ଉତ୍ପାଦ ପ୍ଲାଂଟ ଏବଂ କୋକ୍ଡ୍ରାଏ କୁଲିଂ ପ୍ଲାଂଟ (ସି ଡି ସି ପି) ସୁବିଧା ଦ୍ୱାରା ସମର୍ଥିତ କରାଯିବ। ଏହି ପ୍ରକଳ୍ପ କୋଇଲା ମିଶ୍ରଣର ଇନପୁଟ୍ ଖର୍ଚ୍ଚହ୍ରାସ କରି ଏବଂ ଉଚ୍ଚମାନର କୋକ୍ ଉତ୍ପାଦନ କରି ଲାଭପ୍ରଦ ହେବ ବୋଲି ଆଶା କରାଯାଉଛି। ଏହା ଉନ୍ନତ ଟେକ୍ନୋ-ଅର୍ଥନୈତିକ ପରିମାପକ ମଧ୍ୟ ଯୋଗଦାନ ଦେବ, ଯାହା ଆରଏସପିରେ ସାମଗ୍ରିକ କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବ। ଏଥିସହିତ କୋକ୍ ଓଭେନ୍ସ ବ୍ୟାଟେରୀ-୭ ପ୍ରକଳ୍ପର ଦ୍ରୁତ କାର୍ଯ୍ୟାନ୍ୱୟନ, ଇସ୍ପାତ ନିର୍ମାଣରେ ଆଧୁନିକୀକରଣ, ସ୍ଥାୟୀତ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ଉତ୍କର୍ଷ ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।

ଶୀତଳ ଶଷ୍ଠି ଉତ୍ସବର ଶୁଭ ମୁହୂର୍ତ ଅନୁକୂଳ ପୂଜନ

ରାଜଗାଙ୍ଗପୁର,୨୧/୪(ନି/ପ୍ର): ପବିତ୍ର ଅକ୍ଷୟ ତୃତୀୟା ଦିନ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବ୍ୟ ପୀଠ ଘୋଗର ଧାମରେ ପ୍ରତି ବର୍ଷ ପରି ଏହି ବର୍ଷ ଶୀତଳ ଷଷ୍ଠି ଯାତ୍ରା ଉତ୍ସବ ର ଶୁଭ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି କ୍ଷ ବାବା ଘୋଗର ଧାମ ର ମନ୍ଦିର ପ୍ରାଙ୍ଗଣରେ ପୂଜା ଅର୍ଚ୍ଚନା ପରେ ମା ପାର୍ବତୀ ଙ୍କୁ କାନ୍ସବାହାଲ ନିବାସୀ ପୂର୍ଣିମା ମେହର ସ୍ୱାମୀ ଦୀନବନ୍ଧୁ ମେହେର କନ୍ୟା ରୂପେ ଗ୍ରହଣ ବାବା ଘୋଗରନାଥ ଙ୍କୁ କନ୍ୟା ଦାନ କରିବେ କରିଥିଲେ। ଘୋଗର ବାବାଙ୍କୁ ରାଜଗାଙ୍ଗପୁର ସ୍ଥିତ ରାଣୀବନ୍ଧ ନିବାସୀ ପ୍ରଣତି ମିଶ୍ର ସ୍ୱାମୀ ବୀରେନ୍ଦ୍ର ନାଥ ରଥ ବାବା ଘୋଗରନାଥଙ୍କୁ ପୁତ୍ର ରୂପେ ସ୍ୱୀକାର କରି ମାତା ପାର୍ବତୀଙ୍କୁ ବିବାହ କରିବା ପାଇଁ ସ୍ୱୀକୃତି ପ୍ରଦାନ କରି ଥିଲେ ଦୁଇ ପରିବାରଙ୍କ ଉପସ୍ଥିତିରେ ସ୍ଥିର କୃତ କରା ଯାଇଥିଲା ।ଆଗାମୀ ଶୀତଳ ଷଷ୍ଠି ଯାତ୍ରା ଉତ୍ସବ କୁ ସମ୍ପର୍ଣ୍ଣ କରିବା ପାଇଁ ଶୁଭ ଆରମ୍ଭ କରିଛନ୍ତି। ଆଗାମୀ ୧୬/୬/୨୬ ତାରିଖରେ ପତ୍ରପିଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ୧୭/୬/୨୬ ତାରିଖ ରେ ଦେବ ନିମନ୍ତ୍ରଣ ୧୮/୬/୨୬ ରେ ହଳଦୀ ଲେପନ ବରାନୁଗମାନ ୧୯/୬/୨୬ ରେ ଶୁଭ ବିବାହ କାର୍ଯ୍ୟକ୍ରମ କରିବା ପରେ ୨୦/୬/୨୬ ତାରିଖ ରେ ଶୀତଳ ଷଷ୍ଠି ଯାତ୍ରା ଉତ୍ସବ ରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ପାଇଁ ନିର୍ଦ୍ଧାରିତ କରାଯାଇଛି ।ଚଳିତ ବର୍ଷ ଯୋଡ଼ା ଜ୍ୟେଷ୍ଠ ମାସ ପଡିବା ଯୋଗୁଁ ଶୀତଳ ଷଷ୍ଠି ଯାତ୍ରା ର ଦୂରତ୍ୱ ବଢ଼ି ଯାଇଥିବା ମନ୍ଦିର କମିଟି ପକ୍ଷରୁ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବ ଦେଖିବା ପାଇଁ ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା ।